୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK | पर्यवेक्षक

Vol.27. No.81 Bhubaneswar Wednesday May 07 2025 | ୨୭ତମ ବର୍ଷ ସଂଖ୍ୟା–୮୧ ଭୁବନେଶ୍ୱର, ବୁଧବାର, ମଇ ୦୭, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## କାଲି ହଟିଥିଲା, ଆଜି ଦିଘା ମନ୍ଦିରରେ ପୁଣି ଲାଗିଲା ଜଗନ୍ନାଥ ଧାମର ସ୍ଥାୟୀ ଫଳକ




ଦିଘା/ପୁରୀ,୬।୫(ପି.ଏନ): କାଲି ହଟିଥିଲା ଜଗନ୍ନାଥ ଧାମ ଫଳକ। ଆଜି ଦେଖିବାକୁ ମିଳିଛି ଜଗନ୍ନାଥ ଧାମ ସ୍ଥାୟୀ ଫଳକ। ଜିଦରେ ଅଟଳ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଦିଘା ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମମର ପରିଚୟ ଦେବା ନେଇ ଥମୁନି ବିବାଦ। ମମତାଙ୍କ ଏପରି ନିଷ୍ପତ୍ତି ଏବେ ଜଗନ୍ନାଥପ୍ରେମୀଙ୍କୁ ବ୍ୟଥିତ କରିଛି। ପଶ୍ଚିମବଙ୍ଗରୁ ଆରମ୍ଭ କରି ସାରା ଓଡ଼ିଶାରେ ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପ୍ରିଲ ୩୦ରେ ଦିଘା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଥର୍ମେ ?କୁଲର ଅସ୍ଥାୟୀ ଭାବେ ଧାମ ଫଳକ ଓ ସେଲଫି ପଏଣ୍ଟ ଲଗାଇଥିଲା ଟେଣ୍ଟ ସଂସ୍ଥା। ପ୍ରତିଷ୍ଠା ଉତ୍ସବ ସରିବା ପରେ ଅସ୍ଥାୟୀ ଫଳକ କାଢ଼ି ନେଲା ଟେଣ୍ଟ ମାଲିକ। ଫଳକ ହଟିବା ପରେ ବିଜେପି ନେତା ଅମିଲ ମାଲବ୍ୟ ଫଟୋ ସହିତ ଏକ୍ସରେ ପୋଷ୍ଟ କରିବା ପରେ ଏହି ଖବର ଚାରିଆଡ଼ ? ଭାଇରାଲ ହୋଇଥିଲା। ପରେ ରାତାରାତି ପଶ୍ଚିମବଙ୍ଗ ସରକାର ମନ୍ଦିର ସାମନାରେ ଜଗନ୍ନାଥ ଧାମ ଲେଖାଥିବା ଫଳକ ଲଗାଇ ଦେଇଛନ୍ତି। ଏହା ସହିତ ଶ୍ରଦ୍ଧାଳୁଙ୍କ ପାଇଁ ସ୍ଥାୟୀ ସେଲଫି ପଏଣ୍ଟ ପାଇଁ ବ୍ୟବସ୍ଥା କରୁଛନ୍ତି।ପଶ୍ଚିମବଙ୍ଗ ସରକାରଙ୍କ ଏପରି ନିଷ୍ପତ୍ତି ଅଦଗ୍ରହଣୀୟ ନୁହେଁ। ଦିଘାରେ ଜଗନ୍ନାଥ ମନ୍ଦିର ହେଉ ଆପତ୍ତି ନାହିଁ। କିନ୍ତୁ କେବେ ବି ଏହା ଧାମ ବୋଲି ପରିଚୟ ସୃଷ୍ଟି କରାନଯାଉ। ଖୋଦ ଆଦିଗୁରୁ ଶଙ୍କରାଚାର୍ଯ୍ୟ ଭାରତର ୪ ଧାମରୁ ପୁରୀ ଶ୍ରୀକ୍ଷେତ୍ର ଗୋଟିଏ ବୋଲି ମାନ୍ୟତା ଦେଇଥିଲେ। ଏହା ଯୁଗଯୁଗରୁ ପରିଚୟ ପାଇ ଆସିଛି। ଭାରତରେ ଅନେକ ଜଗନ୍ନାଥ ମନ୍ଦିର ରହିଛି, କିନ୍ତୁ ଶ୍ରୀମନ୍ଦିର ଗୋଟିଏ। ସେହିପରି ଯେତେ ଯେଉଁଠି ଜଗନ୍ନାଥ ମନ୍ଦିର ନିର୍ମାଣ ହେଉଛି, ତାକୁ କେଉଁଠି ବି ଶ୍ରୀମନ୍ଦିର ଆଖ୍ୟା ଦିଆଯାଉନି। ଦିଘା ମନ୍ଦିରରେ ଜଗନ୍ନାଥ ଧାମ ଫଳକ ଲଗାଇବାକୁ ନେଇ ପୁରୀରେ ସେବାୟତ ଓ ଜଗନ୍ନାଥ ସଂସ୍କୃତି ଗବେଷଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ସୂଚନା ଅଧିକାର କର୍ମୀ ଜୟନ୍ତ ଦାସ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଗତକାଲି ଏହି ଧାମ ପ୍ରସଙ୍ଗକୁ ନେଇ ଗଜପତି ମଧ ପ୍ରତିକ୍ରିୟା ରଖିଥିଲେ। ଦିଘାକୁ ଧାମ କୁହାଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଆଇନ ମନ୍ତ୍ରୀ କହିଥିଲେ, ଆଇନ ପଦକ୍ଷେପ ନିଆଯିବ। ଏଭଳି ସ୍ଥିତିରେ ଓଡ଼ିଶା ସରକାର ଓ ପଶ୍ଚିମବଙ୍ଗ ସରକାର ଏହାର ସମାଧାନ ପାଇଁ କଣ ବାଟ ବାହାର କରୁଛନ୍ତି, ତାକୁ ସମସ୍ତଙ୍କ ଅପେକ୍ଷା।

## ଆସନ୍ତାକାଲି ଠାରୁ ଓଡ଼ିଶାରେ ହେବ ସିଭିଲ ଡିଫେନ୍ସ ମକ ଡ୍ରିଲ୍



ଭୁବନେଶ୍ୱର,୬।୫(ପି.ଏନ): ବିପଦ ଆସିଲେ ବାଜିବ ସାଇରନ୍ । ସତର୍କ ହେବେ ଲୋକ । ନିଜକୁ ସୁରକ୍ଷିତ ରଖିବା ସହ ପରିବାରର ବଞ୍ଚାଇବେ ଜୀବନ । ଯୁଦ୍ଧ ହେଲେ ଏଭଳି ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବ ପ୍ରଶାସନ । ସିଭିଲ ଡିଫେନ୍ସ ମକ ଡ୍ରିଲ ଦ୍ୱାରା ଆଗୁଆ ଲୋକଙ୍କୁ କରାଯିବ ସଚେତନ । ଆସନ୍ତାକାଲି ଅପରାହ୍ନ ୪ ଟାରେ ୧୨ଟି ସ୍ଥାନରେ ହେବ ଏହି ସିଭିଲ ଡିଫେନ୍ସ ମକ ଡ୍ରିଲ । ଏନେଇ ଆଜି ଗୃହ ବିଭାଗର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ୧୨ଟି ଜିଲ୍ଲାର ଜିଲ୍ଲାପାଳ ଓ ଏସପିଙ୍କ ସହିତ ଆଲୋଚନା କରିଛନ୍ତି ଗୃହ ବିଭାଗ ସଚିବ ସତ୍ୟବ୍ରତ ସାହୁ । ବାଲେଶ୍ୱର, କୋରାପୁଟ, ଭୁବନେଶ୍ୱର, ଗୋପାଳପୁର, ହୀରାକୁଦ, ପାରାଦ୍ୱୀପ, ରାଉରକେଲା, ଭଦ୍ରକ, ଢେଙ୍କାନାଳ, ଜଗତସିଂହପୁର, କେନ୍ଦ୍ରାପଡ଼ା, ତାଳଚେର ଓ ପୁରୀରେ ହେବ ସିଭିଲ ଡିଫେନ୍ସ ମକ ଡ୍ରିଲ । ତାଳଚେରରେ କାଟେଗୋରି-୧ ସ୍ଥାନ ଭାବେ ଚିହ୍ନଟ ହୋଇଥିବାବେଳେ, କାଟେଗୋରି-୨ରେ ବାଲେଶ୍ୱର, କୋରାପୁଟ, ଭୁବନେଶ୍ୱର, ଗୋପାଳପୁର, ହୀରାକୁଦ, ପାରାଦ୍ୱୀପ ଏବଂ ରାଉରକେଲା ରହିଛି । କାଟେଗୋରି-୩ରେ ଅଛି ଭଦ୍ରକ, ଢେଙ୍କାନାଳ, ଜଗତସିଂପୁର, କେନ୍ଦ୍ରାପଡ଼ା । ସାତ ଦିନ ଧରି ଚାଲିବ ଏହି ମକ୍ ଡ୍ରିଲ ।ସିଭିଲ ଡିଫେନ୍ସ ମକ ଡ୍ରିଲ ଆରମ୍ଭ ହେଲେ ୫ମିନିଟ ଧରି ସାଇରନ ବାଜିବ । ଯୁଦ୍ଧ ପରିସ୍ଥିତି ମୁକାବିଲା ପାଇଁ ଏ ପ୍ରସ୍ତୁତି କରାଯାଉଛି । ପ୍ରଥମେ ୫ ମିନିଟ ଧରି ଲମ୍ବା ସାଇରନ୍ ବାଜିଲେ ଶତ୍ରୁ ପକ୍ଷରୁ ଆକ୍ରମଣ ଆରମ୍ଭ ହେଲା ବୋଲି ଧରି ନେବାକୁ ହେବ । ଲୋକେ କଙ୍କ୍ରିଟ ଘରକୁ ଚାଲିଯିବେ। ଖାଦ୍ୟ, ଜଳ, ସ୍ୱାସ୍ଥ୍ୟ, ସିଭିଲ୍ ଡିଫେନ୍ସ ହାତକୁ ଚାଲିଯିବ । ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଯେଉଁ ସାମଗ୍ରୀ ଅଛି ତାକୁ ବି ଏଥିରେ ସାମିଲ କରାଯିବ । ଓସଡମା ସହ ମିଳିତ ଭାବରେ ପ୍ରସ୍ତୁତି ହେଉଛି ପ୍ଲାନ । ୧୨ଟି ଜିଲ୍ଲାର ବିପର୍ଯ୍ୟୟ ମୁକାବିଲା ବାତ୍ୟା ଆଶ୍ରୟସ୍ଥଳୀ ବି ଏଥିରେ ସାମିଲ ହେବ । ଜେନେଭା ଚୁକ୍ତି ଅନୁସାରେ ଯୁଦ୍ଧ ସମୟରେ ରେଡ୍ କ୍ରସ ଓ ଗୋଳା ବାରୁଦ ସଂରକ୍ଷଣ ସ୍ଥାନକୁ ଆକ୍ରମଣ କରାଯାଏ ନାହିଁ ।

## ବାଣ ଗୋଦାମରେ ବିସ୍ଫୋରଣ, ୫ ଜଣ ଗୁରୁତର

ଭୁବନେଶ୍ୱର,୬।୫(ପି.ଏନ): ଭଦ୍ରକ ହଳଦିଡିହ ବାଇପାସ ସ୍ଥିତ ଏକ ବାଣ କାରଖାନାରେ ବିସ୍ଫୋରଣ । ତେବେ ଭୟଙ୍କର ବାଣ ବିସ୍ଫୋରଣରେ ଘରର ଛାତ ଉଡିଯାଇଥିବା ବେଳେ ୫ଜଣ ଗୁରୁତର ହୋଇଛନ୍ତି । ନିକଟରେ ଥିବା ଘର ଝରକାର କାଚ଼ ଭାଙ୍ଗିଯାଇଥିବା ଜଣାପଡିଛି ।ଖବର ଅନୁସାରେ, ବାଣ ତିଆରି କରୁଥିବା ବେଳେ ବିସ୍ଫୋରଣ ହୋଇଛି । ସମସ୍ତ ଗୁରୁତରଙ୍କୁ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥଳରେ ପହଞ୍ଚି ପୋଲିସ ତଦନ୍ତ କରୁଛି ।ଖବର ଅନୁସାରେ, ବେଆଇନ ବାଣ ତିଆରି ଓ ଗଚ୍ଛିତ ଥିବା ଗୋଦାମରେ ଅଗ୍ନିକାଣ୍ଡ ହୋଇଛି । ତେବେ ଗୁରୁତରଙ୍କୁ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଛି । ବିସ୍ଫୋରଣ ଏତେ ଜୋରରେ ହୋଇଥିଲା ଆଖପାଖ ଅଞ୍ଚଳରୁ ଲୋକେ ଧାଇଁ ଆସିଥିଲେ ।ତେବେ ପ୍ରକୃତରେ କେଉଁ କାରଣ ପାଇଁ ବିସ୍ଫୋରଣ ହେଲା ତାହା ବର୍ତ୍ତମାନ ସୁଦ୍ଧା ଜଣାପଡି ନାହିଁ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ପଚ଼ାରି ତଦନ୍ତ ଆରମ୍ଭ କରିଛି।

## ୨୨ ତାରିଖ ସୁଦ୍ଧା ବର୍ଷା, ଆସନ୍ତା ସପ୍ତାହରେ ବଙ୍ଗୋପସାଗର ଛୁଇଁବ ମୌସୁମୀ

ଭୁବନେଶ୍ୱର,୬।୫(ପି.ଏନ): କାଳବୈଶାଖୀ ପରେ ମୌସୁମୀ। ଆସନ୍ତା ସପ୍ତାହରେ ବଙ୍ଗୋପସାଗର ଛୁଇଁବ ମୌସୁମୀ। ଏବେ ରାଜ୍ୟରେ ସକ୍ରିୟ ରହିଛି କାଳବୈଶାଖୀ ପ୍ରଭାବ। ଫଳରେ ବିଭିନ୍ନ ଜିଲ୍ଲାରେ ବର୍ଷା ସହ ପବନ ଅନେକ କ୍ଷୟକ୍ଷତି କରୁଛି ।ପାଣିପାଗ ବିଭାଗ ଆକଳନ କରିଛି ୯ ତାରିଖ ବେଳକୁ ଖରାର ପ୍ରକୋପ ବଢ଼ିବ। ଆଉ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିବ।

## ଜଳ ପ୍ରଦୂଷଣରୁ କ୍ୟାନସର ଆଶଙ୍କା, ନଦୀ ଜଳ ବ୍ୟବହାର କରୁଥିବା ସହରବାସୀଙ୍କ ପ୍ରତି ବଡ଼ ବିପଦ



କଟକ/ଭୁବନେଶ୍ୱର,୬।୫ (ପି.ଏନ):ଓଡ଼ିଶାର ପ୍ରମୁଖ ସହରରେ ବଢିବାରେ ଲାଗିଛି କ୍ୟାନସର ରିସ୍କ । ଭୁବନେଶ୍ୱର, କଟକ, ରାଉରକେଲା ଓ ବ୍ରହ୍ମପୁର ପରି ସହରବାସୀଙ୍କ ପାଇଁ କ୍ୟାନସର ଆଶଙ୍କା ଅଧିକ। ଓଉଗଜ ର ଏକ ସର୍ଭେରୁ ଜଣାପଡ଼ିଛି, ଦୂଷିତ ଜଳାଶୟ ନିକଟରେ ରହୁଥିବା ଲୋକଙ୍କ ପାଇଁ ବଡ଼ ବିପଦ । ଶିଳ୍ପ ସଂସ୍ଥାର ଦୂଷିତ ବର୍ଜ୍ୟ ବସ୍ତୁ, ଖଣିରୁ ବାହାରୁଥିବା ବିଷାକ୍ତ ସାମଗ୍ରୀ ଓ ଠିକ ଭାବେ ଟ୍ରିଟମେଣ୍ଟ ହେଉନଥିବା ସ୍ୱେରେଜର ବର୍ଜ୍ୟ ଏଥିପାଇଁ ମୁଖ୍ୟତଃ ଦାୟୀ । ଏସବୁ ବର୍ଜ୍ୟବସ୍ତୁ ମହାନଦୀ, କୁଆଖାଇ, କାଠଯୋଡ଼ି, ଦୟା, ବ୍ରାହ୍ମଣୀ, ଋଷିକୁଲ୍ୟା ନଦୀରେ ମିଶୁଥିବାରୁ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ବଡ଼ ବିପଦ ଭାବେ ଉଭା ହୋଇଛି । ଲଗାତର ଭାବେ ପ୍ରଦୂଷିତ ନଦୀ ଜଳ ବ୍ୟବହାର କରୁଥିବାରୁ ଗଲ୍ ବ୍ଲାଡର କ୍ୟାନସର ହୋଇପାରେ ବୋଲି ସତର୍କ କରିଦେଇଛି ସର୍ଭ ? ।ସବୁଠାରୁ ସମ୍ବେଦନଶୀଳ କଥା ହେଉଛି ଶିଳ୍ପସଂସ୍ଥାରୁ ବାହାରୁଥିବା ହେଭି ମେଟାଲ ଅଂଶକୁ ଠିକ ପରିଚାଳନା କରାଯାଉନାହିଁ । ଆଲୁମିନିୟମ, ଆର୍ସେନିକ୍, ଲିଡ୍ ଓ କାଡମିୟମ ପରି ଧାତୁର ବର୍ଜ୍ୟ ପାଣିରେ ମିଶୁଥିବାରୁ ସ୍ୱାସ୍ଥ୍ୟ ପାଇଁ ବଡ଼ ବିପଦ ହେବ ବୋଲି ସତର୍କବାଣୀ ଶୁଣାଇଛି ଏହି ସର୍ଭେ । ଏକ ପରିସଂଖ୍ୟାନରୁ ଜଣାପଡ଼ିଛି, ୫ ବର୍ଷ ମଧ୍ୟରେ ଓଡ଼ିଶାରେ କ୍ୟାନସର ରୋଗୀଙ୍କ ସଂଖ୍ୟା ୧୧.୫ ପ୍ରତିଶତ ବୃଦ୍ଧିପାଇଛି । ପୂର୍ବରୁ ଖାଦ୍ୟ, ପାନୀୟ ଓ ଅନ୍ୟ କାରକକୁ ନେଇ ଲୋକେ ଚିନ୍ତିତ ଥିବା ବେଳେ ଏବେ ଜଳ ପ୍ରଦୂଷଣରୁ କ୍ୟାନସର ଆଶଙ୍କା ଉଦବେଗ ବଢ଼ାଇ ଦେଇଛି। ଓଉଗଜର ଏହି ସର୍ଭେ ପରେ ସରକାର ସଚେତନ ହୋଇ ଏ ଦିଗରେ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି । ପ୍ରଦୂଷଣ ନିୟନ୍ତ୍ରଣ ସହିତ ନିରାପଦ ଓ୍ୱାଟର ମ୍ୟାନେଜମେଣ୍ଟକୁ ଫୋକସ୍ ନ କଲେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବ ଏଥିଲେ ଦ୍ୱିମତ ନାହିଁ ।

## ରାଜ୍ୟରେ ଛାତ୍ର ଛାତ୍ରୀ ମୃତ୍ୟୁର ସ୍ଥିତି ଅତ୍ୟନ୍ତ ଉଦ୍‌ବେଗ ଜନକ : ଛାତ୍ର କଗ୍ରେସ



ଭୁବନେଶ୍ୱର, ତା. ୦୬.୦୫ ରିଖ : ଓଡ଼ିଶାରେ ଛାତ୍ର ଛାତ୍ରୀ ମୃତ୍ୟୁର ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ଓ ଭୟାନକ ସ୍ଥିତିରେ ଆସି ପହଂଚିଛି। ଏହି ଅଳ୍ପ କିଛି ଦିନ ମଧ୍ୟରେ ରାଜ୍ୟ ରାଜଧାନୀରେ ଦୁଇଟି ବିଶ୍ୱ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମୃତ୍ୟୁବରଣ କରିଛନ୍ତି। ସିଭିରମଣ ଗ୍ଲୋବାଲ ବିଶ୍ୱ ବିଦ୍ୟାଳୟରେ ଜଣେ ତୃତୀୟ ବର୍ଷ ଛାତ୍ର ଆତ୍ମ ହତ୍ୟା କରିବା ଅତ୍ୟନ୍ତ ଦୁଃଖ ଦାୟକ ଘଟଣା। ଲଗାତର ଛାତ୍ରଛାତ୍ରୀ ଆତ୍ମ ହତ୍ୟା ଘଟଣାକୁ ନେଇ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ଉଦିତ ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ବହୁ ସଂଖ୍ୟାକ ଛାତ୍ର କଂଗ୍ରେସର କର୍ମୀ ଓ ନେତୃବୃନ୍ଦ ଆଜି ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ମାଷ୍ଟର କ୍ୟାଂଟିନ ଛକରେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କର କୁଶପୁତଳିକା ଦାହ କରିବା ସହିତ ରାଜ୍ୟ ସରକାର ଏଭଳି ସ୍ଥିତି ପ୍ରତି ତିକ୍ଷ୍ଣ ଦୃଷ୍ଟି ଦେବା ସହିତ ବିଶ୍ୱ ବିଦ୍ୟାଳୟମାନଙ୍କରେ ଛାତ୍ର ଛାତ୍ରୀମାନଙ୍କର ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ତାଙ୍କୁ ରେଗୁଲାର କାଉଂସିଲଙ୍ଗ କରିବା ପାଇଁ ଶ୍ରୀ ପ୍ରଧାନ ଦାବି କରିଛନ୍ତି। କାହିଁକି ଓ କେଉଁ ପରିସ୍ଥିତିରେ ନେପାଳୀ ଛାତ୍ରୀ ଜଣଙ୍କ କିଟ୍ ବିଶ୍ୱ ବିଦ୍ୟାଳୟରେ ପରିସରରେ ମୃତ୍ୟୁ ବରଣ କଲେ ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବାର ଆବଶ୍ୟକ ରହିଛି ? କିନ୍ତୁ ଏ ସରକାର ଏଥିପ୍ରତି ଧ୍ୟାନ ଦେଉନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଏ ସ୍ଥିତିକୁ ଅତ୍ୟନ୍ତ ଗୁରୁତ୍ୱର ସହ ବିଚାର କରନ୍ତୁ, ଛାତ୍ର ଛାତ୍ରୀମାନଙ୍କ ଜୀବନ ଓ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱଜିତ ଦାସ, ଜାନକୀବଲ୍ଲଭ ପଟ୍ଟନାୟକ, ରଜନୀ ମହାନ୍ତି, ପ୍ରକାଶ ଜେନା, ପ୍ରଶାନ୍ତ ଚମ୍ପତି, ଅଶୋକ ଦାସ, ସୁବ୍ରତ ମହାପାତ୍ର, ଚୁନୁ ସିଂ, ସାହାରୁଖ୍ ଖାନ, ସୁନିଲ କୁମାର ଗାନ୍ଧୀ, ଆଶିଷ କୁମାର ମହନ୍ତ, ସିଦ୍ଧାନ୍ତ ଓମ୍ ପ୍ରକାଶ, ସୁଭମ ରାଜ, ବିଜୟ ବିଶ୍ୱାଳ, ଆଶିଷ କୁମାର ଦାସ, ରୋଷନ ରାଉତ, ଓମ୍ ପ୍ରକାଶ ପରିଡା, ସରୋଜ ଜେନା ଓ ଅୟସ କାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପି ଓ କଂଗ୍ରେସକୁ ଘାରିଛି ସଂଗଠନ ଗଢିବା ଚିନ୍ତା

ଭୁବନେଶ୍ୱର,୬।୫(ପି.ଏନ): ଦୁଇ ଜାତୀୟ ଦଳ ବିଜେପି ଓ କଂଗ୍ରେସକୁ ଘାରିଛି ସଂଗଠନ ଗଢିବା ଚିନ୍ତା। ଶାସକ ବିଜେପି ରାଜ୍ୟ ସଭାପତି ଚୟନ କରିବାର ଡେଡଲାଇନର ଡିସେମ୍ବରରୁ ଯାଇ ମେ ରେ ପହଞ୍ଚିଲାଣି । ୫ ମାସ ହେବ ରାଜ୍ୟ ବିଜେପି ସଭାପତି ଚୟନ କରିପାରୁନି ଶାସକ ବିଜେପି। ବର୍ତ୍ତମାନର ରାଜ୍ୟ ସଭାପତି ମନମୋହନ ସାମଲ ନାଁ ନଆ ମୁହଁକୁ ଦଳ ଦାୟିତ୍ୱ ଦେବ ସେ ଅଙ୍କ ତୁଟୁନାହିଁ। ସଭାପତି ରେସନରେ ରାଜ୍ୟ ସଭାପତି ମନମୋହନ ସାମଲ ,ଗୋଲକ ମହାପାତ୍ର, ସୁକାନ୍ତ ପାଣିଗ୍ରାହୀଙ୍କ ନାଁ ଚର୍ଚ୍ଚାରେ ରହିଛି । ଶାସକ ବିଜେପି ଦଳରେ ସଭାପତି ଚୟନ ନେଇ ଦଳୀୟ କନ୍ଦଳ ରହିଛି ନାଁ ଅନ୍ୟ କିଛି କାରଣ ଯୋଗୁଁ ଦଳ ସଭାପତି ଚୟନ କରିପାରୁନାହିଁ ତାହା ଏବେ ବଡ ପ୍ରଶ୍ନବାଚୀ । ଦଳର ଦୁଇ ବରିଷ୍ଠ ବିଧାୟକ ପ୍ରକାଶ ସୋରେନ ଓ ପଦ୍ମଲୋଚନ ପଣ୍ଡା କାହିଁକି ରାଜ୍ୟ ସଭାପତି ଚୟନ ହୋଇପାରୁନାହିଁ ତାହାକୁ ନେଇ ଭିନ୍ନ ଭିନ୍ନ ଯୁକ୍ତି ବାଢିଛନ୍ତି । ଦଳରେ ଆଶାୟୀ ଅଧିକ ଥିବାରୁ ସଭାପତି ଚୟନରେ ବିଳମ୍ବ ହେଉଥିବା କହିଛନ୍ତି । ଜାତୀୟ ଦଳରେ ସଭାପତି ଚୟନରେ ଟିକେ ବିଳମ୍ବ ହୁଲ ବୋଲି ବିଧାୟକମାନେ ବିତଣ୍ଡା ଯୁକ୍ତି ବାଢିଛନ୍ତି। ସଭାପତି ଚୟନ ଏମିତି ବିଜେପି ପାଇଁ ଏବେ କଷ୍ଟ ସାଜିଛି ।ଅନ୍ୟପଟେ ୮ମାସ ପରେ କଂଗ୍ରେସ ଫେବୃଆରୀ ୧୧ ତାରିଖରେ ଭକ୍ତ ଦାସଙ୍କ ପିସିସି ସଭାପତି ଭାବେ ନିଯୁକ୍ତ ଦେଇଥିଲା । ଦାୟିତ୍ୱ ନେବାର ୨ ମାସ ପରେ ବି ପିସିସି ସଭାପତି ନିଜର ନୂଆଟିମ ଗଠନ କରିପାରୁନାହାନ୍ତି ।

## ଅଢେଇ ଘଣ୍ଟାର ଅସ୍ତ୍ରୋପଚାର ପରେ ନୂଆ ଜୀବନ ପାଇଲା ୮ ମାସର ଶିଶୁପୁତ୍ର



ବ୍ରହ୍ମପୁର,୬।୫(ପି.ଏନ): ନୂଆ ଜୀବନ ପାଇଁଲା ୮ ମାସର ଶିଶୁପୁତ୍ର । ଗଳାରୁ ବାହାରିଲା ମୁଣ୍ଡ ଆକୃତିର ମାଂସ ପିଣ୍ଡୁଳା । ବ୍ରହ୍ମପୁର ଗକଉଏ ଶିଶୁ ଶଲ୍ୟ ବିଭାଗର ବିରଳ ଅସ୍ତ୍ରୋପଚାର । ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ନିକଟସ୍ଥ ନଇରୀ ଗାଁର କାହ୍ନୁ ଚରଣ ବେହେରା ଓ ରୂପା ବେହେରାଙ୍କ ୮ ମାସର ଶିଶୁପୁତ୍ର ଆଶୀର୍ବାଦ । ଜନ୍ମରୁ ସିଷ୍ଟିକ ହାଇଗ୍ରୋମା ବା ଲିମ୍ଫାଟିକ ସିଷ୍ଟି ରୋଗରେ ଆକ୍ରାନ୍ତ ଥିଲା । ଗଳା ଧୀରେ ଧୀରେ ଫୁଲି ମୁଣ୍ଡ ଆକାରର ଏକ ମାଂସ ପିଣ୍ଡୁଳା ଜମାଟ ବାନ୍ଧିଥିଲା । ଫଳରେ ଶିଶୁର ନିଃଶ୍ୱାସ ନେବାରେ ସମସ୍ୟା ହେବା ସହ ଖାଇପାରୁ ନଥିଲା । ଡାକ୍ତରଙ୍କ ପରାମର୍ଶ କ୍ରମେ ତାକୁ ଗକଉଏରେ ଭର୍ତ୍ତି କରିଥିଲେ ପରିବାର । ପରୀକ୍ଷା ପରେ ବିଭାଗୀୟ ମୁଖ୍ୟ ମାନସ ରଞ୍ଜନ ଦାସଙ୍କ ନେତୃତ୍ୱରେ କରାଯାଇଥିଲା ଅପରେସନ । ଶିଶୁଟି ଏବେ ସୁସ୍ଥ ଥିବାରୁ ଖୁସି ପ୍ରକାଶ କରିଛନ୍ତି ଦମ୍ପତି। ଅଢେଇ ଘଣ୍ଟାର ଜଟିଳ ଅସ୍ତ୍ରୋପଚାର ପରେ ଶିଶୁର ଗଳାରୁ ବାହାରିଛି ୧୨ ସେଣ୍ଟିମିଟରର ମାଂସ ପିଣ୍ଡୁଳା । ଜୁଗୁଲାର ଭେନକୁ ସୁରକ୍ଷିତ ରଖିବା ଡାକ୍ତରଙ୍କ ପାଇଁ ଥିଲା ଏକ ବଡ ଚ୍ୟାଲେଞ୍ଜ । ଅସ୍ତ୍ରୋପଚାର ସମୟରେ କୌଣସି ଅସାବଧାନତା ଯୋଗୁଁ ଜୁଗୁଲାର ଭେନ କ୍ଷତିଗ୍ରସ୍ତ ହେଲେ ଶିଶୁଟି ବଞ୍ଚିବା କଷ୍ଟକର ହୋଇଥାନ୍ତା ବୋଲି କହିଛନ୍ତି ଡାକ୍ତର । ଟିମରେ ବିଭାଗର ଡାକ୍ତର ରାଜେନ୍ଦ୍ର ମିଶ୍ର, ଶ୍ରିଷ୍ଟି ବର୍ମା, ନିଶ୍ଚେତକ ବିଭାଗର ବିଷ୍ଣୁ ପ୍ରସାଦ ମହାପାତ୍ର, ବର୍ଷାରାଣୀ ବେହେରା, ନର୍ସିଂ ଅଫିସର ସ୍ୱର୍ଣ୍ଣଲତା ବେହେରା ଓ ପୂର୍ଣ୍ଣିମା ପ୍ରଧାନଙ୍କ ସହଯୋଗରେ ଏହି ଅସ୍ତ୍ରୋପଚାର ସଫଳ ହୋଇଥିବା କହିଛନ୍ତି ବିଭାର ମୁଖ୍ୟ ଡାକ୍ତର । ବିଭାଗର ଏକ ସ୍ୱତନ୍ତ୍ର ଅସ୍ତ୍ରୋପଚାର ଗୃହ ନଥିବା ଯୋଗୁ ଅନେକ ଶିଶୁଙ୍କ ଅସ୍ତ୍ରୋପଚାରରୁ ବଞ୍ଚିତ ହେଉଛନ୍ତି । ତେଣୁ ଏଥିପ୍ରତି ଧ୍ୟାନଓଦେବାକୁ ପରାମର୍ଶ ଦେଇଛନ୍ତି ଡାକ୍ତର ।

## ଭୂତକୋଠି ପାଲଟିଲାଣି ରେମୁଣା ନିୟନ୍ତ୍ରିତ ବଜାର କମିଟ କମ୍ପ୍ଲେକ୍ସ



ବାଲେଶ୍ୱର,୬।୫(ପି.ଏନ): ଜଙ୍ଗଲ ଭିତରେ ଲୁଚିଲାଣି ମାର୍କେଟ କମ୍ପ୍ଲେକ୍ସ । ଲିଭିବାକୁ ବସିଲାଣି ନିୟନ୍ତ୍ରିତ ବଜାର କମିଟି ବୋର୍ଡ । ଉଠିବାକୁ ଗଲାଣି ପେଭର ବ୍ଲକ । କେଉଁଠି ଗୋବର ଗଦା ତ କେଉଁଠି ପଚ଼ପଚ଼ କାଦୁଅ । ବାଲେଶ୍ୱର ବ୍ୟବସାୟୀଙ୍କ ଉନ୍ନତି ପାଇଁ ୫ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟରେ ଏହି ନିୟନ୍ତ୍ରିତ ବଜାର କମିଟି ତିଆରି କରିଥିଲେ ପୂର୍ବ ସରକାର । ସହରଠାରୁ ୫ କିଲୋମିଟର ଦୂର ରେମୁଣାରେ ରହିଛି ଏହି ଜଗଉ କମ୍ପ୍ଲେକ୍ସ । ପୂର୍ବରୁ ୧୮ ଟି ଦୋକାନ ଘର ବ୍ୟବସାୟୀଙ୍କୁ ଦିଆ ଯାଇଥିଲା । ଭଡ଼ା ବାବଦକୁ ୬ଶହ ରୁ ୬ ଶହ ଟଙ୍କା ଜମା କରୁଥିଲେ ଦୋକାନୀ । ପରେ ୧୮ଟି ଦୋକାନ ଜାଗାରେ ୭୫ଟି ଦୋକାନ ଘର ଥିବା ଦୁଇ ମହଲା ମାର୍କେଟ କମ୍ପ୍ଲେକ୍ସ ତିଆରି ହେଲା । ହେଲେ ୨୦୨୩ରୁ କାମ ସରିଥିଲେ ମଧ ବର୍ତ୍ତମାନ ସୁଦ୍ଧା ଦୋକାନ ଘର କାହାକୁ ଦିଆଯାଇ ନାହିଁ । ଫଳରେ ଭୁତକୋଠି ପାଲଟିଲାଣି ଏହି ମାର୍କେଟ କମ୍ପ୍ଲେକ୍ସ ।ନିୟନ୍ତ୍ରିତ ବଜାର କମିଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ଓଡ଼ିଶା ଷ୍ଟେଟ ଏଗ୍ରିକଲଚ଼ର ମାର୍କେଟିଂ ବୋର୍ଡର ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ କାମ ହୋଇଛି । ହେଲେ ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ଦର ପାଇଁ ଆଗ୍ରହ ଦେଖାଉ ନାହାନ୍ତି ବ୍ୟବସାୟୀ । ସେପଟେ ଉପଜିଲ୍ଲାପାଳ କହିଛନ୍ତି ଦୋକାନ ଦେବାକୁ ଯୋଜନା କରାଯାଉଛି । ଯେଉଁ ଦର ନିର୍ଦ୍ଧାରିତ କରାଯାଇଛି ସେଥିରେ ଦୋକାନୀ ଅମଙ୍ଗ ହେବାରୁ ଏହାକୁ ପରିବର୍ତ୍ତନ କରି ୪ ହଜାର ୫ଶର ଟଙ୍କା ନିର୍ଦ୍ଧାରଣ କରାଯାଇଛି । କମିଟି ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେଙ୍ସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା’ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡି, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କେନ୍ଦ୍ରିକ ପରିବାର । ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୫, ମଇ ୭

# ପ୍ରେମ ଓ ଶାନ୍ତି


ଅନୁପମା ଭୂୟାଁ

ପ୍ରେମ ଶାଶ୍ୱତ ଓ ସୁନ୍ଦର। ଏହା କେବେ, କେତେବେଳେ, କାହା ସହିତ ବି ହୋଇପାରେ। ଥରେ ମନରେ ମନ ମିଶିଗଲେ ନା ସମାଜ, ନା ପରିବାର କେହି କରିପାରନ୍ତିନି ଅଲଗା। ପ୍ରେମର ପରିଭାଷା ପରିପୂର୍ଣ୍ଣତାରେ ଉକୁଟି ଉଠିଥାଏ ପ୍ରେମ ପାଇଁ ଚେଷ୍ଟା ସଫଳ ବା ବିଫଳ ହୋଇପାରେ କିନ୍ତୁ ପ୍ରେମ କେବେ ଅସଫଳ ହୁଏନି। ପ୍ରେମ ମାନେ ହିଁ ସାର୍ଥକତା ଓ ସଫଳତା। ପ୍ରେମରେ ମଣିଷ ପଡ଼େନି ବରଂ ପ୍ରେମ ତିଆରି ହୋଇଯାଏ ଆପଣା ଛାଏଁ ଆବେଗରେ। ଗଢ଼ି ହୁଏ ମଣିଷ ନୂଆ କରି ନୂଆ ପ୍ରକ୍ରିୟାରେ ପ୍ରେମର ସେହି ଅନନ୍ୟ ଅନୁଭବରେ। ଭାଲେଣ୍ଟାଇନ୍ ଡ ହେଉଛି ପ୍ରେମ ପରିପ୍ରକାଶ କରିବାର ଦିବସ। ମନର ଭାବକୁ ଶବ୍ଦ ଆକାରରେ ପରିପ୍ରକାଶ କରିବା ଲାଗି ଅନେକ ଏହି ଦିନକୁ ଅପେକ୍ଷା କରିଥାନ୍ତି । ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଠାରୁ ଆରମ୍ଭ କରି ପ୍ରାଚ୍ୟ ରାଷ୍ଟ୍ରରେ ଭିନ୍ନ ଭିନ୍ନ ଢ଼ଙ୍ଗରେ ପ୍ରେମ ଦିବସ ପାଳନ କରାଯାଇଥାଏ। ପ୍ରେମୀଯୁଗଳଙ୍କ ପାଇଁ ଏହି ଦିବସ ଅନେକ ମହତ୍ତ୍ୱ ରଖିଥାଏ । ଇତିହାସ କୁହେ, ସନ୍ଥ ଭାଲେଣ୍ଟାଇନ୍‌ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥାଏ । ତୃତୀୟ ଶତାବ୍ଦୀରେ ସମ୍ରାଟ କ୍ଲାଓଡିୟସ୍ ରୋମରେ ରାଜୁତି କରୁଥିଲେ । ତାଙ୍କ ଅନୁଯାୟୀ, ବିବାହ କରିବା ଦ୍ୱାରା ପୁରୁଷଙ୍କ ଶକ୍ତି ଏବଂ ବୁଦ୍ଧି ହ୍ରାସ ପାଇଥାଏ । ସେ ଆଜ୍ଞା ଜାରି କଲେ ଯେ ରାଜ୍ୟର କୌଣସି ଶ୍ରମିକ କିମ୍ବା ଅଧିକାରୀ ବିବାହ କରିବେ ନାହିଁ । ମାତ୍ର ସନ୍ଥ ଭାଲେଣ୍ଟାଇନ୍ ଏହି କ୍ରୁର ଆଦେଶର ବିରୋଧ କରିଥିଲେ । ତାଙ୍କ ଆହ୍ୱାନ କ୍ରମେ ସୈନିକ ଓ ଅଧିକାରୀମାନେ ବିବାହ କଲେ । ଶେଷରେ ସମ୍ରାଟ କ୍ଲାଓଡ଼ିୟସ୍ ୨୬୯ ମସିହା ଫେବୃୟାରୀ ୧୪ ତାରିଖରେ ସନ୍ଥ ଭାଲେଣ୍ଟାଇନ୍‌ଙ୍କୁ ଫାଶୀ ଦେଇଦେଲେ । ସେବେ ଠାରୁ ତାଙ୍କ ସ୍ମୃତିରେ ଏହି ଦିନକୁ ପ୍ରେମ ଦିବସ ଭାବେ ପାଳନ କରାଯାଇଥାଏ । କୁହାଯାଏ ଯେ ସନ୍ଥ ଭାଲେଣ୍ଟାଇନ୍ ମୃତ୍ୟୁ ପୂର୍ବରୁ ଜେଲର୍‌ଙ୍କ ଅନ୍ଧୁଣୀ ଝିଅ ଜ୍ୟାକୋଭସ୍‌ଙ୍କୁ ନେତ୍ର ଦାନ କରିଥିଲେ । ଏଥିସହିତ ଜ୍ୟାକୋବାସ୍‌ଙ୍କୁ ଏକ ପତ୍ର ଲେଖି ଶେଷରେ ଲେଖିଥିଲେ ତୁମର ଭାଲେଣ୍ଟାଇନ୍ । ଏହି ଦିନ ଥିଲା ଫେବୃଆରୀ ୧୪ ତାରିଖ । ଏହାପର ଠାରୁ ସନ୍ଥଙ୍କ ନାମ ଅନୁଯାୟୀ ଭାଲେଣ୍ଟାଇନ୍ ଡେ ଅବସରରେ ସାରା ବିଶ୍ୱରେ ନିଃସ୍ୱାର୍ଥ ପ୍ରେମର ବାର୍ତ୍ତା ବଣ୍ଟା ଯାଇଥାଏ ।

ପ୍ରେମ ଓ ଶାନ୍ତି ହିଁ ମନୁଷ୍ୟର ଜୀବନକୁ ସୁଖମୟ କରିଦିଏ । ଏହି ପ୍ରେମ ଓ ଶାନ୍ତି ପାଇଁ ଆମକୁ କେତେଗୁଡ଼ିଏ ଦିଗ ପ୍ରତି ଗୁରୁତ୍ୱ ଦେବାକୁ ହେବ । ସେହି ସରଳ ମାର୍ଗ ଗୁଡ଼ିକ ହେଉଛି ସବୁବେଳେ ମନେରଖନ୍ତୁ ଈଶ୍ୱରଙ୍କ ପ୍ରତି ଭକ୍ତିଭାବ ରଖିବା ସହ ନିଜକୁ ସବୁବେଳେ ଭାଗ୍ୟବାନ ମନେ କରିବା ଉଚିତ । ଏହାଦ୍ୱାରା ମନ ମଧ୍ୟରୁ ସବୁ ଗ୍ଲାନି ଦୂର ହୋଇଯାଏ । ଏହାସବୁ ଅସଫଳତାକୁ ଦୂର କରିବାରେ ସହାୟକ ହୋଇଥାଏ । ଆଜିର ଏହି ବ୍ୟସ୍ତବହୁଳ ଜୀବନରେ ନିଜ ପାଇଁ କିଛି ସମୟ ରଖିବା ଉଚିତ । ଶାନ୍ତ ଓ ନିରୋଳାରେ କିଛି ମୁହୂର୍ତ୍ତ ବ୍ୟକ୍ତିର ସୃଜନଶୀଳତାକୁ ବୃଦ୍ଧି କରିବା ସହ ଏକାଗ୍ରତା ବୃଦ୍ଧି କରିଥାଏ । କେବଳ ସେତିକି ନୁହେଁ ଏହାଦ୍ୱାରା ଜୀବନର ଗୁଣାତ୍ମକମାନ ବୃଦ୍ଧି ହୋଇଥାଏ । ବର୍ଷ ପରେ ବର୍ଷ ବିତି ଚାଲିଛି । ସମୟ ଚକ୍ରରେ ବ୍ୟକ୍ତିର ଜୀବନ ହେଉଛି ଏକ ଛୋଟ ଅଣୁ ପରି । ଏହା ସହ ଜୀବନ ହେଉଛି କ୍ଷଣସ୍ଥାୟୀ । ଏପରି ଭାବିବା ଦ୍ୱାରା ମନର ସଂକୀର୍ଣ୍ଣତା ଦୂର ହୋଇଯାଏ । ଫଳରେ ବ୍ୟକ୍ତି ପ୍ରତ୍ୟେକ ମୁହୂର୍ତ୍ତକୁ ଉପଭୋଗ କରିପାରେ । ମନରେ ସବୁବେଳେ ଦୟାଭାବ ରଖିବା ଉଚିତ । ଏହାସହ କୌଣସି ଆଶା ନରଖି ଅନ୍ୟର ସେବା କରିବା ଉଚିତ । ଏହା ଜୀବନରେ ଶାନ୍ତି ଓ ପ୍ରେମକୁ ବଢ଼ାଇବାରେ ସହାୟକ ହୋଇଥାଏ । ହସ ମନୁଷ୍ୟର ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇଥାଏ । ପ୍ରତ୍ୟେକ ଦିନ ସକାଳେ ଦର୍ପଣରେ ନିଜକୁ ଏକ ଛୋଟ ହସ ଉପହାର ଦେଇ ଦିନରୁ ଶୁଭାରମ୍ଭ କରିବା ଉଚିତ । ଏହାସହ ପ୍ରତିଦିନ ଭେଟୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଏହି ଉପହାର ଦେବା ଉଚିତ । ଏହା ବ୍ୟକ୍ତିକୁ ଶାନ୍ତ କରିବାରେ ସହାୟକ ହୋଇଥାଏ । ଏହା ବ୍ୟକ୍ତିର ସହ ଆତ୍ମବିଶ୍ୱାସକୁ ମଧ୍ୟ ବଢ଼ାଇଥାଏ । ସେହିପରି ବ୍ୟକ୍ତି ମନର ଶାନ୍ତି ପାଇଁ ପ୍ରତିଦିନ ଧ୍ୟାନ ଅଭ୍ୟାସ କରିବା ଉଚିତ । ଏହାମନରେ ଗଭୀର ବିଶ୍ୱାସ ଆଣିବା ସହ ମନକୁ ଉପଯୁକ୍ତ ବିଶ୍ରାମ ପ୍ରଦାନ କରିଥାଏ । କେବଳ ସେତିକି ନୁହେଁ ସବୁବେଳେ ନିଜକୁ ଜଣେ ଛାତ୍ର ଭାବେ ମାନିବା ଉଚିତ । ଏହା ମନରୁ ଅହଂ ଭାବ ଦୂର କରିଥାଏ । ଛାତ୍ର ଭଳି ସବୁବେଳେ ଜିଜ୍ଞାସୁ ହେବା ଉଚିତ । କାରଣ ପ୍ରତ୍ୟେକ ବସ୍ତୁରୁ ବ୍ୟକ୍ତି କିଛି ନା କିଛି ଶିକ୍ଷା ଗ୍ରହଣ କରିଥାଏ । ଉପରୋକ୍ତ ଦିବ୍ୟ ଚିନ୍ତନର ମାର୍ଗ ଆମ ସମସ୍ତଙ୍କ ଜୀବନକୁ ଆଧ୍ୟାତ୍ମିକମୟ ଓ ଆନନ୍ଦରେ ଭରି ଦେବ ନିଶ୍ଚୟ ଏହି କାମନା କରିବା।

*'ସାଇବିଥି' ୭ଡ଼ି/୧୩୫୪,*
*ସେକ୍ଟର-୯, ସିଡିଏ, କଟକ*

# ଆତ୍ମହତ୍ୟା ଏକ ସାମାଜିକ ବ୍ୟାଧି


ସୁବାଷ କୁମାର ତାରଣିଆଁ

ଆତ୍ମହତ୍ୟା କରିବାର ପ୍ରବଣତା ମନୁଷ୍ୟ ମଧ୍ୟରେ କେଉଁ ଆବହମାନ କାଳରୁ ରହିଆସିଛି। ଆତ୍ମହତ୍ୟାକୁ ଏକ ମହାପାପ ବୋଲି ସବୁ ଧର୍ମଗ୍ରନ୍ଥରେ ଉଲ୍ଲେଖ ରହିଛି। ମନୁଷ୍ୟ ମନରେ ଥିବା ଅପୂରଣୀୟ କାମନାରେ ନିରାଶ ହେଲେ ସେ ଆତ୍ମହତ୍ୟା କରିବାକୁ ବାଧ ହୋଇଥାଏ। ଦେଶର ଉନ୍ନତି ଯୁବକମାନଙ୍କ ଦ୍ୱାରା ସମ୍ଭବ। ମାତ୍ର ଯୁବକମାନେ ଏଥିପ୍ରତି ଦୃଷ୍ଟି ନଦେଇ ନିଜ ଜୀବନକୁ ବ୍ୟକ୍ତିକୈନ୍ଦ୍ରିକ କରିଦେଉଛନ୍ତି, ଫଳରେ ବାଧାବିଘ୍ନର ହତାଶାଭାବରେ ସେମାନେ ଆତ୍ମହତ୍ୟାକୁ ଆପଣାଉଛନ୍ତି। କହିବାକୁ ଗଲେ ଯୁବଗୋଷ୍ଠୀଙ୍କ ସହନଶୀଳତା ଗୁଣର ଘୋର ଅବନତି ଘଟୁଛି। ଯାହାର ପରିଣାମସ୍ୱରୂପ ସେମାନେ ଧୈର୍ଯ୍ୟହରା ହୋଇ ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି। ସେହିପରି ପାରିବାରିକ, ଆର୍ଥିକ, ସାମାଜିକ ଓ ପ୍ରେମ ଜନିତ କାରଣରୁ ଦର୍ବଳମନା ଓ ନିରାଶ ହେବାରୁ ସମାଜରେ ଆତ୍ମହତ୍ୟା ବୃଦ୍ଧି ପାଉଛି। ପ୍ରେମ ସତ୍ୟ, ଶାଶ୍ୱତ ଓ ପ୍ରେମ ଚିରନ୍ତନ। ଦୁଇଟି ଅଜଣା ଆତ୍ମାର ମିଳନରୁ ସୃଷ୍ଟି ହୋଇଥାଏ ପ୍ରେମ। ମାତ୍ର ପ୍ରେମରେ ଧୋକ୍କା ପାଇଁ ହେଉ ଅବା ତ୍ରିକୋଣୀୟ ପ୍ରେମକୁ ନେଇ ମାନସିକ ଚାପରୁ ଅନେକ ଯୁବକ ଯୁବତୀ ଆତ୍ମହତ୍ୟା ଭଳି ପନ୍ଥାକୁ ଆପଣାଉଛନ୍ତି। ପ୍ରେମ ପାଇଁ କିଏ ରୋଜଗାରିଆ ପୁଅକୁ ହରାଉଛି ତ କିଏ ଉଚ୍ଚଶିକ୍ଷିତା ଝିଅକୁ ହରାଉଛି। ଫଳରେ ପରିବାରରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି।

୨୦୨୧ ମସିହାରେ ରାଜଧାନୀରେ ୨୭୭ଟି ଆତ୍ମହତ୍ୟା ମାମଲା ରୁଜୁ ହୋଇଥିଲା। ସେଥିମଧ୍ୟରୁ ୧୯୦ଜଣ ପୁରୁଷ ଥିବାବେଳେ ୮୭ଜଣ ମହିଳା ଥିଲେ। ରଶି ଲଗାଇ ବା ଝୁଲନ୍ତ ଅବସ୍ଥାରେ ୧୩୫ଜଣ ଆତ୍ମହତ୍ୟା କରିଥିବା ବେଳେ ୧୧୯ ଜଣ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏକ ତଥ୍ୟ ଅନୁସାରେ ରାଜ୍ୟରେ ୨୦୧୬ ମସିହାରେ ମୋଟ ୩୧୪ଜଣ ଆତ୍ମହତ୍ୟା କରିଥିଲେ। ସେହିପରି ୨୦୧୭ ମସିହାରେ ୨୩୮ଜଣ, ୨୦୧୮ ମସିହାରେ ୨୪୨ଜଣ, ୨୦୧୯ ମସିହାରେ ୧୭୨ଜଣ, ୨୦୨୦ ମସିହାରେ ୨୫୦ ଏବଂ ୨୦୨୧ ମସିହାରେ ୩୦୦ଜଣ ଆତ୍ମହତ୍ୟା କରିଥିଲେ। ସମ୍ପ୍ରତି ପ୍ରେମ ଜନିତ କାରଣରୁ ରାଜ୍ୟରେ ଆତ୍ମହତ୍ୟା ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି। ଭରତପୁର ଅ ଳର ସୁରେଖା ପଲେଇ ଜଣେ ଯୁବକଙ୍କୁ ପ୍ରେମ କରୁଥିଲେ। କିନ୍ତୁ ଯୁବକ ଜଣକ ସୁରେଖାଙ୍କ ଠାରୁ କମ୍ ବୟସର ହୋଇଥିବାରୁ ବିବାହ ପାଇଁ ରାଜି ହୋଇନଥିଲେ। ଫଳରେ ସୁରେଖା ମାନସିକ ଚାପରୁ ଆତ୍ମହତ୍ୟା କରିଥିଲେ। ଖଣ୍ଡଗିରି ଅ ଳରେ ରହୁଥିବା ଶିକ୍ଷୟିତ୍ରୀ ସବନମ ବର୍ମା ତାଙ୍କ ଠାରୁ କମ୍ ବୟସର ଜଣେ ଯୁବକଙ୍କୁ ପ୍ରେମ କରୁଥିଲେ, କିନ୍ତୁ ଯୁବକ ଜଣଙ୍କ ବିବାହ ପାଇଁ ରାଜି ନହେବାରୁ ସବନମ୍ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ରାଜଧାନୀ ଭୁବନେଶ୍ୱରସ୍ଥ ସାମନ୍ତରାପୁରରେ ରହୁଥିବା ନୀଳାମ୍ବର ସ୍ୱାଇଁ ନାମକ ଜଣେ ଯୁବକ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ମାତ୍ର କୌଣସି କାରଣରୁ ଯୁବତୀ ଜଣକ ଆତ୍ମହତ୍ୟା କରିବା ପରେ ଭାରସାମ୍ୟ ହରାଇ ନୀଳାମ୍ବର ମଧ୍ୟ ଆତ୍ମହତ୍ୟା କରିଥିଲେ। ମଚେ ଶ୍ୱର ଅ ଳର ଜଣେ ଯୁବକ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ମାତ୍ର ଯୁବକଙ୍କ ଠାରୁ ଯୁବତୀ ବୟସରେ ବଡ଼ ହୋଇଥିବାରୁ ବିବାହ ସମ୍ଭବ ହୋଇପାରି ନଥିଲା ଏବଂ ଶେଷରେ ଯୁବକଜଣକ ଆତ୍ମହତ୍ୟା କରିଥିଲେ। ଶ୍ୱେତାକୁମାରୀ ନାମକ ଜଣେ ସଫ୍ଟୱେୟାର ଇଞ୍ଜିନିୟର ସୌମ୍ୟଜିତ ନାମକ ଜଣେ ଯୁବକଙ୍କୁ ଭଲ ପାଉଥିଲେ। ଘରଭଡ଼ା ନେଇ ଉଭୟେ ସ୍ୱାମୀ ସ୍ତ୍ରୀ ଭଳି ଚଳୁଥିଲେ। ଏକଥା ଉଭୟଙ୍କ ପରିବାର ମଧ୍ୟ ଜାଣିଥିଲେ। ମାତ୍ର ସୌମ୍ୟଜିତ ଅନ୍ୟ ଜଣେ ଯୁବତୀଙ୍କୁ ଭଲ ପାଇବାରୁ ଶ୍ୱେତାଙ୍କୁ ଭୁଲିଯାଇଥିଲେ। ଶ୍ୱେତା ଏକଥା ଜାଣିବା ପରେ ଉଭୟ ପ୍ରେମିକ ଓ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେଇଥିଲା ଏବଂ ଶ୍ୱେତା ଆତ୍ମହତ୍ୟା କରିଥିଲେ।

ପ୍ରେମରେ ଧୋକା ଖାଇବା ପରେ କଟକ ଜିଲ୍ଲାର ଜଣେ ଯୁବ ମଡ଼େଲର ସୌମ୍ୟରଞ୍ଜନ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ସୌମ୍ୟରଞ୍ଜନ ଆତ୍ମହତ୍ୟା କରିବା ପୂର୍ବରୁ ସୁଇସାଇଡ଼ ନୋଟରେ ପ୍ରେମର କାହାଣୀ ବିଷୟରେ ଲେଖିଦେଇ ଯାଇଥିଲେ। ସୌମ୍ୟରଞ୍ଜନ ମୁମ୍ବାଇରେ ମଡ଼େଲିଂ କରୁଥିଲେ। ମାତ୍ର ମହାମାରୀ କରୋନା ଯୋଗୁ ସେ ଘରକୁ ଫେରି ଆସିଥିଲେ ଏବଂ ଏକ କାଫେ ଖୋଲିଥିଲେ। କାଫେକୁ ଜଣେ ଯୁବତୀ ନିୟମିତ ଆସୁଥିବାରୁ ସୌମ୍ୟଜିତଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଦୁଇବର୍ଷ ଧରି ଉଭୟେ ପ୍ରେମ କରୁଥିଲେ। ଏହି ଘଟଣା ଉଭୟଙ୍କ ପରିବାର ଜାଣିବାରୁ ଉଭୟଙ୍କ ବିବାହ କରିବାକୁ ଯୋଜନା କରିଥିଲେ। କିନ୍ତୁ କୌଣସି କାରଣ ଯୋଗୁ ସୌମ୍ୟଜିତ ମାନସିକ ଚିନ୍ତାରେ ଥିଲେ ଏବଂ ବିଳମ୍ବିତ ରାତିରେ ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏ ସମ୍ପର୍କରେ ଯୁବତୀଙ୍କୁ ପଚାରିବାରୁ ସେ ପ୍ରେମ ସମ୍ପର୍କକୁ ଏଡ଼ାଇ ଦେଇଥିଲେ। ମାତ୍ର ଯୁବତୀଜଣଙ୍କ ଆଉ ଜଣେ ଯୁବକ ସହିତ ବୁଲାବୁଲି କରୁଥିବାରୁ ସୌମ୍ୟଜିତ ଏହାକୁ ସହଜରେ ଗ୍ରହଣ କରିପାରୁ ନଥିଲେ। ଏଥିପାଇଁ ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଅଭିଯୋଗ ହୋଇଥିଲା।

ବିଜେବି ସ୍ୱୟଂଶାସିତ କଲେଜର +୩ ପ୍ରଥମ ବର୍ଷର ଛାତ୍ରୀ ରୁଚିକା ମହାନ୍ତିଙ୍କ ର୍ୟାଗିଂ ଜନିତ ଆତ୍ମହତ୍ୟା ଘଟଣା ରାଜ୍ୟରେ ଏବେ ଚ ଲ୍ୟ ସୃଷ୍ଟି କରିଛି। କଲେଜର ତିନିଜଣ ବରିଷ୍ଠ ସହପାଠୀ ରୁଚିକାଙ୍କୁ ମାନସିକ ନିର୍ଯ୍ୟାତନା (ର୍ୟାଗିଂ) ଦେଉଥିଲେ। ନିର୍ଯ୍ୟାତନା ଅସହ୍ୟ ହେବାରୁ ଶେଷରେ ରୁଚିକା ଛାତ୍ରୀନିବାସ ଭିତରେ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ପୂର୍ବରୁ ରୁଚିକା ଲେଖିଥିବା ଚିଠିରୁ ଏହା ର୍ୟାଗିଂ ଜନିତ ଆତ୍ମହତ୍ୟା ଜଣାପଡ଼ିବାରୁ ଏହି ଘଟଣା ଏବେ ସାରା ରାଜ୍ୟରେ ଏକ ପ୍ରମୁଖ ପ୍ରସଙ୍ଗ ପାଲଟିଛି। ଏପରିକି ବିଧାନସଭାରେ ମଧ୍ୟ ରୁଚିକାଙ୍କ ଆତ୍ମହତ୍ୟାକୁ ନେଇ ତୁମୁଳ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ଓଡ଼ିଶାର ପ୍ରମୁଖ ଶିକ୍ଷାନୁଷ୍ଠାନ ଭୁବନେଶ୍ୱରର ବିଜେବି କଲେଜରେ ଏଭଳି ଏକ ସମ୍ବେଦନଶୀଳ ଘଟଣା ଲୋକଲୋଚନକୁ ଆସିବା ପରେ ଅଭିଭାବକ ଓ ସାଧାରଣ ଜନତାଙ୍କ ମହଲରେ ଉଦେ ଜନା ଲାଗି ରହିଛି। ସାରା ରାଜ୍ୟରେ ଏହି ଘଟଣା ଆଲୋଡ଼ନ ସୃଷ୍ଟି କରିଥିଲା।

ମଚେ ଶ୍ୱର ଥାନା ଭାଗବତ ସନ୍ଧାନରେ ପ୍ରଜ୍ଞାପାରମିତା ନାମକ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ୍ ଉଦ୍ଧାର କରିଥିଲା। ସୂଚନା ଅନୁସାରେ ଭାଗବତ ସନ୍ଧାନରେ ରହୁଥିବା ସତ୍ୟ ନାରାୟଣ ଓ ପ୍ରଜ୍ଞାପାରମିତା ଜଣେ ବନ୍ଧୁଙ୍କ ଘରେ ଭୋଜି କରୁଥିଲେ। ହସଖୁସିରେ ସମସ୍ତେ ଭୋଜି ଖାଇଥିଲେ। ଭୋଜି ଖାଇସାରିବା ପରେ ପ୍ରଜ୍ଞା ଘରକୁ ଫେରି ଆସିଥିଲେ କିନ୍ତୁ ସତ୍ୟନାରାୟଣ ଘରକୁ ଫେରିନଥିଲେ। ପରଦିନ ସକଳେ ସତ୍ୟନାରାୟଣ ଘରକୁ ଫେରି ଦେଖନ୍ତି ତ ପ୍ରଜ୍ଞା ବେକରେ ଶାଢୀ ଗୁଡ଼ାଇ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିଲେ। ପୋଲିସ୍ ପହ ୍ ମୃତଦେହ ଜବତ କରିଥିବା ବେଳେ କେଉଁ କାରଣ ପ୍ରଜ୍ଞା ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ଜଣାପଡ଼ିନଥିଲେ ମଧ୍ୟ ସ୍ୱାମୀଙ୍କ ପରକ୍ରିୟା ପ୍ରୀତିକୁ ନେଇ ପ୍ରଜ୍ଞ ଆତ୍ମହତ୍ୟା କରିଥିବା ତାଙ୍କ ପଡ଼ୋଶୀ ସନ୍ଦେହ କରିଥିଲେ।

ସାମ୍ପ୍ରତିକ ସମୟରେ ଆତ୍ମହତ୍ୟା ଏକ ବଡ଼ ସମସ୍ୟା ଭାବେ ମୁଣ୍ଡ ଟେକିଛି। ଏଥିପାଇଁ ପରିବାରରେ ପିତାମାତା, ସମ୍ପର୍କୀୟଙ୍କ ଦାୟିତ୍ୱ ସେମାନଙ୍କ ପିଲାମାନଙ୍କ ସ୍ୱଭାବ, ଚାଲିଚଳନ, ହାଭବାବ ଦେଖି ତାହାର କାରଣ ଖୋଜି ସମସ୍ୟାର ସମାଧାନ କରିବା, ଯୁବଗୋଷ୍ଠୀଙ୍କୁ ଆତ୍ମହତ୍ୟା ପ୍ରବଣରୁ ଦୂରେଇ ରହିବା ପାଇଁ ଏକ ସୁସ୍ଥ, ସୁନ୍ଦର ଓ ନରାପଦ ଜୀବନ ଜୀଇଁବା ପାଇଁ ସଚେତନତା ଆବଶ୍ୟକ। ଏଥିପାଇଁ ରାଜ୍ୟ ସରକାର ତଥା ସଚେତନ ନାଗରିକ, ସାମାଜିକ କର୍ମୀ ଓ ସ୍ୱେଚ୍ଛାସେବୀ ସଂଗଠନ ପଦକ୍ଷେପ ନେବା ଆବଶ୍ୟକ। ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସଚେତନତା ମୂଳକ ପଦକ୍ଷେପ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ପ୍ରଦର୍ଶନ ଜରିଆରେ ଆତ୍ମହତ୍ୟାକୁ ରୋକାଯାଇ ପାରିବ।

*କ[illegible], ବାହାରଣା, ବାଲିକୁଦା,*
*ଜଗତସିଂହପୁର*

# ମୁଁ କିଏ ?


ଅନୀତା ପଟ୍ଟନାୟକ

ସେ ଗୀତ ଗୁଡ଼ିକ ପୁରୁଣା ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ମନରେ ଝଙ୍କୁରିତ ହୁଏ। ଯଥା ନ୍ତଚକାଚକା ଭଉଁରୀ, ମାମୁଁ ଘର ଚଉଁରୀ'। ନ୍ତଆ ଜହ୍ନ ମାମୁଁ ଶରଗଶଷୀ' ଇତ୍ୟାଦି। ଆଧୁନିକ ଯୁଗରେ ଏସବୁ ବିରଳ ହୋଇଗଲାଣି। ଘରେ ଆମେ ପିଲାଦିନେ ସାଙ୍ଗସାଥୀ ମାନଙ୍କ ସହ ମିଶି ଅନ୍ଧପୁଟୁଳି ଖେଳ ଖେଳୁଥିଲି। ମୁଁ ମୋର ସାଙ୍ଗ ମାନଙ୍କର ସ୍ପର୍ଶକୁ ସବୁ ବେଳେ ଜାଣି ପାରୁଥିଲି। ମୋର ଆଖି ଦୁଇଟି ବନ୍ଦରେ ମୋର ସାଙ୍ଗ ମାନଙ୍କ ମଧ୍ୟରୁ ଯିଏ ବି ପଚାରନ୍ତି ମୁଁ କିଏ ? ମୁଁ ତାର ସଠିକ ଉତ୍ତର ଦେଇପାରୁଥିଲି। ମୋର ସାଙ୍ଗସାଥୀମାନେ ସବୁବେଳେ ଆଶ୍ଚର୍ଯ୍ୟ ହୋଇଯାଉଥିଲେ। ଦିନେ ଆମର ଶିକ୍ଷକ ଶ୍ରେଣୀ ଗୃହରେ କହିଥିଲେ ଭଗବାନ ପ୍ରେମର ପ୍ରତୀକ। ଏହା କାହିଁକି ମୋର ମନକୁ ପସନ୍ଦ ହୋଇନଥିଲା। ମୋର ହୃଦୟ କନ୍ଦରରେ ସତେ ଯେପରି କିଏ ଜଣେ କୁହେ ନ୍ତଭଗବାନ ହେଉଛନ୍ତି ପ୍ରେମ' ଓ ସେ ପ୍ରେମର ପ୍ରତୀକ ନୁହଁନ୍ତି। ସବୁବେଳେ ପିଲାଦିନେ ଭାବେ ଭଗବାନଙ୍କ ସଂଜ୍ଞା କ'ଣ ? ଦିନ ଆମ ସାର କହିଲେ ନ୍ତପିଲାମାନେ ଭଗବାନଙ୍କ ସଂଜ୍ଞା କଣ ଜାଣିଚ ? ଆମେ ସବୁ ନାହିଁ କରିବାରୁ ସେ କହିଲେ ନ୍ତଯେ ସର୍ବଶକ୍ତିମାନ, ସର୍ବଜ୍ଞ ଓ ସର୍ବତ୍ର ବିଦ୍ୟମାନ ତାକୁ ହିଁ ଭଗବାନ କୁହାଯାଏ।' ମୋର ପିଲାଦିନର କୌତୁହଳ ଓ ଜିଜ୍ଞାସୁ ମନୋଭାବ ଏହି ସଂଜ୍ଞାକୁ ଗ୍ରହଣ କରିପାରିନଥିଲା। ମୋର ବିବେକ ସତେ ଯେପରି କୁହେ ଭଗବାନଙ୍କୁ କୌଣସି ସଂଜ୍ଞାଦ୍ୱାରା ମନୁଷ୍ୟ ସୀମିତ କରିପାରିବ ନାହିଁ। ଯେ ଅସୀମ, ଅନନ୍ତ ଓ ସଂଜ୍ଞାରୁ ଉର୍ଦ୍ଧ୍ୱ ତାଙ୍କୁ ଏପରି ଏକ ସଂଜ୍ଞା ମାଧ୍ୟମରେ ବାନ୍ଧି ରଖି ଶିକ୍ଷକମାନେ ବୋଧେ ତାଙ୍କର ସୀମିତ ଜ୍ଞାନର ପରିଚୟ ଦେଉଛନ୍ତି। ସେ ଅବର୍ଣ୍ଣନୀୟ ଅଚିନ୍ତ୍ୟନୀୟ। ଆମ ସଂସ୍କୃତ ଶିକ୍ଷକ ଦିନେ ଶ୍ରେଣୀ ଗୃହକୁ ଆସି କହିଲେ ନ୍ତନିର୍ଦ୍ଦୋଷ ନିର୍ମଳ ନାଥ ସଦୋଷ ଚଞ୍ଚଳବଧୂ' ଏହାକୁ ବୁଝାଇବାକୁ ଯାଇ ସାର କହିଥିଲେ ପ୍ରଭୁ ବା ସ୍ୱାମୀ ନିର୍ମଳ ବଧୂ ବା ସ୍ତ୍ରୀ ଚଞ୍ଚଳା ଓ ଦୋଷଯୁକ୍ତ। ଏପରି ପ୍ରଭୁ ଓ ବଧୂଙ୍କୁ ନେଇ ଆମର ଶରୀର ଗଠିତ। ଏପରି ସ୍ଥଳେ ଆମ ଶରୀରରେ ଶାନ୍ତି ଆସିବ କିପରି ? ଶିକ୍ଷକ ଆମକୁ ପ୍ରଶ୍ନ ପଚାରିଲେ ପ୍ରଭୁ ବଧୂଙ୍କ ପଦାଙ୍କ ଅନୁସରଣ କରିବା ଉଚିତ କି ବଧୂ ପ୍ରଭୁଙ୍କ ପଦାଙ୍କ ଅସୁରଣ କରିବା ଉଚିତ। ଆମ୍ଭେମାନେ ଏହାର ଉତ୍ତର ଦେଇ ନପାରିବାରୁ ସେ ବୁଝାଇଥିଲେ ପ୍ରଭୁ ହେଉଛନ୍ତି ପବିତ୍ର ଓ ସ୍ଥିର ଆତ୍ମା, ମନ ହେଉଛି ବଧୂ ଯେକି ଚଞ୍ଚଳ ଓ ଯାହାର ସ୍ୱଭାବ ଏଣେ ତେଣେ ଦୌଡ଼ିବା ତେଣୁ ପ୍ରଭୁ ତା ପଛରେ ଧାଆଁନ୍ତି ନାହିଁ। ଏକଥାକୁ ଶୁଣି ସେ ଦିନ ମୁଁ ହୃଦୟଙ୍ଗମ କରିଥିଲି ଯେ ଚଞ୍ଚଳାବଧୂ ପଛରେ ଯେଉଁମାନେ ଦୌଡ଼ନ୍ତି ସେହି ବ୍ୟକ୍ତି ମାନଙ୍କୁ ମୋହଗ୍ରସ୍ତ ଓ ମାୟାଧୀନ କୁହାଯାଏ। ଶ୍ରେଣୀକକ୍ଷରେ ସାର ଆଉ ଏକ ସୁନ୍ଦର ଉଦାହରଣ ମଧ୍ୟ ଦେଇଥିଲେ ଓ କହିଥିଲେ ଅର୍ଜ୍ଜୁନଙ୍କୁ ଶ୍ରୀକୃଷ୍ଣ ବିଶ୍ୱରୂପ ଦେଖାଇବା ପୂର୍ବରୁ ସେ ଦୁର୍ଯ୍ୟୋଧନଙ୍କୁ ବିଶ୍ୱରୂପ ଦେଖାଇଥିଲେ। ସେ ଏହାର ଅର୍ଥ ବୁଝି ନପାରି ଶ୍ରୀକୃଷ୍ଣଙ୍କୁ ତିରସ୍କାର କରିଥିବା ସମୟରେ ଅର୍ଜ୍ଜୁନ ସେହି ରୂପକୁ ବୁଝି ତାର ଉତ୍ତରରେ କହିଥିଲେ ନ୍ତକରିଷ୍ୟେ ବଚନତବ' (ତୁମର ନିର୍ଦ୍ଦେଶକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିବି)। ମୋ ମନରେ ଶ୍ରେଣୀ ଗୃହର ସେ ଦିନର କଥା ଆଜି ପର୍ଯ୍ୟନ୍ତ ଝଙ୍କୁରିତ ହୁଏ। ସତରେ କଣ ଆମେ ସମସ୍ତେ ଦୁର୍ଯ୍ୟୋଧନ। ଜୀବନରେ ଅନେକ ମନ୍ଦିର, ସାଧୁସନ୍ଥଙ୍କ ସମ୍ପର୍କରେ ଆସିଥିଲେ ମଧ୍ୟ ଶେଷରେ ଦାରୁବ୍ରହ୍ମ ଜଗନ୍ନାଥଙ୍କୁ ଦର୍ଶନ କରି ତାଙ୍କର ମୂଳମନ୍ତ୍ରରେ ଦିକ୍ଷୀତ ହୋଇଥିଲେ ମଧ୍ୟ ତାଙ୍କର ବାଣୀ ଆମେ କାହିଁକି ଅନୁସରଣ କରିପାରୁନାହୁଁ। ଆମେ କଣ ବଧୂ ଚଞ୍ଚଳା, ଆମେ କଣ ମୋହଗ୍ରସ୍ତ ଓ ମାୟାଧୀନ। ସେ ଅବର୍ଣ୍ଣନୀୟ, ଅଚିନ୍ତ୍ୟନୀୟଙ୍କୁ କଣ ବୁଝି ହୁଏନାହିଁ। ସେ ଦିନ ଥାଏ ମୋର ଜନ୍ମଦିନ। ଏକା ଏକା ଜଗନ୍ନାଥଙ୍କ ମନ୍ଦିରକୁ ଦୀପ ବସାଇବାକୁ ଗଲି। ଭଗବାନଙ୍କ କୃପାରୁ ସେ ଦିନ ଥାଏ ସାହାଣମେଳା। ଅନେକ ଲୋକ ମନ୍ଦିର ଭିତରକୁ ପ୍ରବେଶ କରୁଥାନ୍ତି। ଜନସ୍ରୋତରେ ଭାସି ଗଲାପରି ମହିଳାମାନଙ୍କ ମଧ୍ୟରେ ମୋର ଗୋଡ଼ତଳକୁ ଲାଗୁନଥିଲେ ମଧ୍ୟ ମୁଁ କିପରି ଗରୁଡ଼ସ୍ତମ୍ଭ ପାଖରେ ପହଞ୍ଚିଲି ମୁଁ ନିଜେ ବି ଜାଣେନି ସେହି ସ୍ରୋତରେ ମୁଁ କାଷ୍ଠ ନିର୍ମିତ ଅର୍ଦ୍ଧଳି ନିକଟରେ ପହଞ୍ଚିଗଲି। ଯୋଡ଼ହସ୍ତରେ ଆଖି ବନ୍ଦ କରି ଭାବିବାକୁ ଲାଗିଲି ଭଗବାନ ପ୍ରକୃତରେ ତୁମେ ସତରେ ମହାନ। ତୁମେ ସର୍ବତ୍ର ବିଦ୍ୟମାନ ତୁମର କଥା, କର୍ମ, ଚିନ୍ତା ଏକ। ତୁମେ ମୋ ଭିତରେ, ବାହାରେ ସର୍ବତ୍ର ବିଦ୍ୟମାନ। ମାଛ ଜଳବିନା ବଞ୍ଚିପାରେ ନାହିଁ, ଜଳ କିନ୍ତୁ ମାଛବିନା ତିଷ୍ଠିପାରେ। ସେହିପରି ତୁମବିନା ମୋର ସ୍ଥିତି ନାହିଁ କିନ୍ତୁ ମୋ ବିନା ତୁମର ସ୍ଥିତି ଅଛି ଓ ରହିବ ମଧ୍ୟ। ଏହିପରି ମୋର କୃତଜ୍ଞତା ଜଣାଉଥିବା ସମୟରେ ମୁଁ ଅନୁଭବ କଲି ମୋର ଆଖି ଦୁଇଟିକୁ କେହି ଜଣେ ତାର ହାତ ପାପୁଲି ମାଧ୍ୟମରେ ଚାପିଧରି ପଚାରୁଛି କହିଲୁ ଦେଖି ମୁଁ କିଏ ? ମୁଁ ସଙ୍ଗେ ସଙ୍ଗେ ପ୍ରକୃସ୍ଥିତ ହେଲି ଭାବିଲି ଏ କଣ ? ମୋ ସହିତ ପିଲାଦିନର ଅନ୍ଧପୁଟୁଳି ଖେଳ କିଏ ଖେଳୁଛି ? କିଏ ମୋର ସେ ପିଲାଦିନର ବନ୍ଧୁ, ଯେ ମୋର ଆଖିକୁ ଚାପି ଧରିଛି। ଅଗୁରୁ ଚନ୍ଦନର ସୁଗନ୍ଧ ସେ ପାପୁଲିରୁ ନିର୍ଗତ ହେଉଥିଲା। କି ସୁନ୍ଦର ଓ କୋମଳ ସେ ସ୍ପର୍ଶ ସତେ ! ଆଖି ଖୋଲି ଦେଲି ଦେଖିଲି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦାରୁବ୍ରହ୍ମଙ୍କୁ। ପାଖରେ ମୋର କୌଣସି ବନ୍ଧୁ ନଥିଲେ। କଣ ବା ମୁଁ ଉତ୍ତର ଦେଇପାରିଥାନ୍ତି ଯଦିଓ ମୁଁ ଏକ କୋମଳ ସ୍ୱର ଶୁଣିଥିଲି ଯେ ମୁଁ କିଏ ? ପିଲାଦିନେ ଅନ୍ଧପୁଟୁଳି ଖେଳବେଳେ ମତେ ସ୍ପର୍ଶ କଲେ ମୁଁ ତତ୍‌କ୍ଷଣାତ ତାର ଉତ୍ତର ଦେଇ ପାରୁଥିଲି ଆଜି କାହିଁକି ସ୍ୱତଃ ମୋ ମୁଖରୁ ବାହାରିଲା ନାହିଁ। ତୁମେ ସିଏ। ହେ ଜଗନ୍ନାଥ। ଭୁଲ କରିଥିଲେ ମତେ କ୍ଷମା କରିଦେବ।

*ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦,*
*ସିଡିଏ, କଟକ,*
*ଦୂରଭାଷ : ୯୬୯୨୯୮୦୦୨୬*

# କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା


ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି। ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ୍ୟ ବୃଦ୍ଧି ପାଉଛି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି। ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି। ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି। ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି। କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ୍ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି। ଯାହାପାଇଁ ସଚେତନତା ନିହାତି ଜରୁରୀ। ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ। ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା। ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ। ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋକ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ। ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ। ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର। ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ। ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର। ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ। ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ। ଏହା ସହଜରେ ଚିକିତ୍ସା ହୋଇପାରେ। ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ। ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ। ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ। ଏହାବ୍ୟତୀତ ଜେନେଟିକ୍ ମଧ୍ୟ ଅନ୍ୟ ଏକ କାରଣ। ଜନ୍ମ ସମୟରୁ ପିଲାଟି ମା'ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ। ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ୍ୟ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା। ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା। ତାର ଆଖି ଡୋଳାରେ ଧଳା ଚିହ୍ନ ମାଡ଼ିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା। ପିଲାଟିକୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା।

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ଚୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ। ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ୍ୟ ତାର ସଂକ୍ରମଣ ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ। ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ। ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧ୍ୟମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ। ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ। ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ। ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ। ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ। ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ। ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ୍ୟ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ। ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ। ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ। ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ। ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ। ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ। ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରୀ। ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ। ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ। କେତେକ କ୍ଷେତ୍ରରେ ପିଲାଟି ମା'ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ। ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି। ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ। ଭାରତୀୟ ଆଧ୍ୟାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ। କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ୍ୟ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ। ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ। ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ। ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧୈର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିକୁ ହିଁ ବିଶ୍ୱାସ ଓ ଭରଷା ଦିଅନ୍ତୁ। ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବାସହ ନୂଆ ଜୀବନଯାପନ କରିପାରିବ।

*ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,*
*ଫକୀରମୋହନ ମେଡ଼ିକାଲ କଲେଜ,*
*ବାଲେଶ୍ୱର, ଦୂରଭାଷ : ୯୪୩୭୧୨୪୦୭୪*




# ପିଏମ୍ ଶ୍ରୀ ସ୍କୁଲ ଜାତୀୟ ଶିକ୍ଷା ନୀତିର ପ୍ରୟୋଗଶାଳା ହେବ




ଭୁବନେଶ୍ୱର (ପିଏନ୍)- ଦେଶର ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଦିଗରେ ପିଏମ ଶ୍ରୀ ସ୍କୁଲ ପ୍ରତିଷ୍ଠା କରାଯିବ। ଏହି ଉଚ୍ଚମାନର ସ୍କୁଲ ଜାତୀୟ ଶିକ୍ଷା ନୀତି - ୨୦୨୦ (ଏନଇପି)ର ପ୍ରୟୋଗଶାଳା ହେବ ବୋଲି ଗୁରୁବାର ଗୁଜୁରାଟର ଗାନ୍ଧୀନଗରରେ ଆୟୋଜିତ ଦୁଇଦିନିଆ ରାଜ୍ୟ ଶିକ୍ଷାମନ୍ତ୍ରୀମାନଙ୍କର ଜାତୀୟ ଶିକ୍ଷା ସମ୍ମିଳନୀରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଦ୍ୟାଳୟ ଶିକ୍ଷା ହେଉଛି ଜ୍ଞାନ ଆଧାରିତ ସମାଜ ପ୍ରତିଷ୍ଠାର ମୂଳଦୁଆ ଏବଂ ଜାତୀୟ ଶିକ୍ଷା ନୀତି ହେଉଛି ଜ୍ଞାନର ଦସ୍ତାବିଜ୍। ଯେଉଁ ଦସ୍ତାବିଜ୍ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ସହ ଶିକ୍ଷାକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଲକ୍ଷ୍ୟ ରଖିଛି। ଆମେ ଅମୃତ କାଳ ସମୟରେ ଉପନୀତ ହୋଇଛେ। ବିଶ୍ୱର କଲ୍ୟାଣ ପାଇଁ ପ୍ରତିବଦ୍ଧ ଥିବା ଭାରତକୁ ଜ୍ଞାନର ଅର୍ଥନୀତି ଭାବରେ ପ୍ରତିଷ୍ଠିତ କରିବା ପାଇଁ ଆମ ପାଇଁ ଆଗାମୀ ୨୫ ବର୍ଷ ମହତ୍ତ୍ୱପୂର୍ଣ୍ଣ। ଆମେ ବସୁଧୈବ କୁଟୁମ୍ବକମରେ ବିଶ୍ୱାସ ରଖୁଥିବା ସଭ୍ୟତା। ଆମର ଦାୟିତ୍ୱ କେବଳ ଦେଶ ପାଇଁ ନୁହେଁ ବରଂ ବିଶ୍ୱ ପାଇଁ; ଏହି କଥାକୁ ଆମେ ହୃଦୟଙ୍ଗମ କରିବା ଆବଶ୍ୟକ। ଏକବିଂଶ ଶତାବ୍ଦୀରେ ସୁଯୋଗ ଓ ଆହ୍ୱାନ ପାଇଁ ଆମେ ନିଜକୁ ପ୍ରସ୍ତୁତ କରୁଥିବା ବେଳେ ଶିକ୍ଷା ଓ ଦକ୍ଷତା ପରିସଂସ୍ଥାନକୁ ସୁଦୃଢ଼ କରିବା ପାଇଁ ଟେକ୍ନୋଲୋଜିର ଲାଭ ନେବା ଉଚିତ। ରାଷ୍ଟ୍ରୀୟ ଶିକ୍ଷା ନୀତିରେ ୫+୩+୩+୪ ଢାଂଚାରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ସହିତ ମାଧ୍ୟମିକ ସ୍କୁଲ ଶିକ୍ଷା, ନିରାପଦ ଓ ଉଚ୍ଚମାନର ଶୈଶବ ଯତ୍ନ ଓ ଶିକ୍ଷା ଉପରେ ଗୁରୁତ୍ୱ, ଶିକ୍ଷକ ପ୍ରଶିକ୍ଷଣ ଏବଂ ପ୍ରୌଢ଼ ଶିକ୍ଷା, ଦକ୍ଷତା ବିକାଶ ସହ ସ୍କୁଲ ଶିକ୍ଷାର ଏକୀକରଣ, ମାତୃଭାଷାକୁ ଗୁରୁତ୍ୱ ଦେବା ଭଳି ବିଭିନ୍ନ ପଦକ୍ଷେପ ଛାତ୍ରଛାତ୍ରୀଙ୍କୁ ବୈଶ୍ୱିକ ନାଗରିକ ଭାବେ ପ୍ରସ୍ତୁତ କରିବା ପାଇଁ ସହାୟକ ହେବ। ଶିକ୍ଷା କ୍ଷେତ୍ରରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ବେଷ୍ଟ ପ୍ରାଟିସସେସ ଭାରତର ଯୁବବର୍ଗଙ୍କୁ ବିଶ୍ୱ ମାନବରେ ପରିଣତ କରିବାରେ ସହଯୋଗୀ ହେବ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଆସନ୍ତା ଜୁଲାଇ ୨୯ ତାରିଖରେ ଭାରତ ସରକାରଙ୍କ ଦ୍ୱାରା ନୂଆ ଜାତୀୟ ଶିକ୍ଷା ନୀତି-୨୦୨୦ ପ୍ରଣୟନର ଦୁଇବର୍ଷ ପୂର୍ତ୍ତି ହେବାକୁ ଯାଉଛି। ବିଗତ ୨ ବର୍ଷରେ ଜାତୀୟ ଶିକ୍ଷା ନୀତି ଆଧାରରେ ହୋଇଥିବା କାମର କ୍ରିୟାନ୍ୱୟନ, ବେଷ୍ଟ ପ୍ରାଟିସ, ଶିକ୍ଷାକ୍ଷେତ୍ରରେ ଦେଶର ପ୍ରାଥମିକତା ଉପରେ ଚର୍ଚ୍ଚା ଆଲୋଚନା କରିବା ପାଇଁ ବିଭିନ୍ନ ରାଜ୍ୟର ଶିକ୍ଷାମନ୍ତ୍ରୀ ଓ ଅଧିକାରୀମାନେ ଜାତୀୟ ଶିକ୍ଷା ସମ୍ମିଳନୀରେ ଏକାଠୀ ହୋଇଛନ୍ତି। ଏହି ସମ୍ମିଳନୀରେ ଜାତୀୟ ଶିକ୍ଷାନୀତିର ପରାମର୍ଶ ଯଥା: ଆଂଚଳିକ ଭାଷାକୁ ଗୁରୁତ୍ୱ, ଶିକ୍ଷାରେ ଟେକ୍ନୋଲୋଜିକୁ ବ୍ୟବହାର କରିବା ଏବଂ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ପାଇଁ ପଦକ୍ଷେପ ନେବା ଉପରେ ଆଲୋଚନା କରାଯାଇଛି। ବିଭିନ୍ନ ରାଜ୍ୟର ଶିକ୍ଷାମନ୍ତ୍ରୀ ଓ ଅଧିକାରୀମାନେ ବିଦ୍ୟା ସମୀକ୍ଷା କେନ୍ଦ୍ର, ଭାସ୍କରାଚାର୍ଯ୍ୟ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଫର୍ ସ୍ପେସ୍ ଆପ୍ଲିକେସନ୍ ଏବଂ ଜିଓ-ଇନଫର୍ମେଟିକ୍ସ, ନ୍ୟାସନାଲ ଫରେନସିକ୍ ସାଇନ୍ସ ୟୁନିଭରସିଟି ଏବଂ ଦକ୍ଷତା ବିକାଶ ଆଧାରିତ ଅନୁଷ୍ଠାନକୁ ବୁଲି ଦେଖିଛନ୍ତି। ଟେକ୍ନୋଲୋଜି ମାଧ୍ୟମରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଠପଢ଼ା, ଏକବିଂଶ ଶତାବ୍ଦୀରେ ଜ୍ଞାନର ପରିଭାଷା, ଦକ୍ଷତା ବିକାଶ ସେଂଟରର ଆଧୁନିକ କ୍ଷେତ୍ରକୁ ଶିକ୍ଷାମନ୍ତ୍ରୀମାନେ ଅନୁଭବ କରିଛନ୍ତି। ଏପରି କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରୀ ରହିବ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଶିକ୍ଷାକୁ ଲୋକାଭିମୁଖୀ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଉଛି। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ଶିକ୍ଷାମନ୍ତ୍ରୀଙ୍କୁ ନେଇ ଆୟୋଜିତ ଜାତୀୟ ଶିକ୍ଷା ସମ୍ମିଳନୀ ଜାତୀୟ ଶିକ୍ଷା ପରିସଂସ୍ଥାନକୁ ମଜବୁତ କରିବ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖନୀୟ ଯେ, ଏହି ସମ୍ମିଳନୀରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, ଦକ୍ଷତା ବିକାଶ ଏବଂ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ, ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ଶିକ୍ଷାମନ୍ତ୍ରୀ ଏବଂ ଶିକ୍ଷା ବିଭାଗ ସହ ସଂଶ୍ଳିଷ୍ଟ ପ୍ରତିନିଧି ଓ ନୂତନ ଶିକ୍ଷାନୀତିର ଚିଠା ପ୍ରସ୍ତାବ ପ୍ରସ୍ତୁତକାରୀ ପଦ୍ମବିଭୂଷଣ ଡା. କେ. କସ୍ତୁରିରଙ୍ଗନ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ମାର୍ଟସିଟି ଭୁବନେଶ୍ୱରରେ ବିଶ୍ୱ ବାଇସାଇକେଲ ଦିବସରେ ବିଶାଳ ସାଇକେଲ ଶୋଭାଯାତ୍ରା

ଭୁବନେଶ୍ୱର (ପିଏନ୍): ଜୁନ୍ ମାସ ୩ ତାରିଖ ହେଉଛି ବିଶ୍ୱ ସାଇକେଲ ଦିବସ। ଏହି ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର ସଂଗଠନ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ବିଶ୍ୱ ସାଇକେଲ ଦିବସ-୨୦୨୨ ପାଳନ କରିଛି। ସୂଚନାଯୋଗ୍ୟ, ପ୍ରେସ୍ ସୂଚନା ବ୍ୟୁରୋ, ଭୁବନେଶ୍ୱର, ଆ ଲିକ ଆଉଟରିଚ୍ ବ୍ୟୁରୋ, ଭୁବନେଶ୍ୱର ଏବଂ ସଂସ୍କୃତି ମନ୍ତ୍ରଣାଳୟ ଭାରତ ସରକାରଙ୍କ ମିଳିତ ସହଯୋଗରେ ଚନ୍ଦ୍ରଶେଖରପୁରସ୍ଥିତ ପ୍ରେସ୍ ଇନ୍‌ଫରମେସନ୍ ବ୍ୟୁରୋ କ୍ୟାମ୍ପସରୁ ଜୁନ୍ ୩ ତାରିଖ ସକାଳ ୬.୩୦ ମିନିଟ୍ ସମୟରେ ଏକ ସାଇକେଲ୍ ଶୋଭାଯାତ୍ରା ବାହାରିଥିଲା। ଏଥିରେ ପାଖାପାଖି ୭୫ରୁ ଊର୍ଦ୍ଧ୍ୱ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବହୁ ଅମଲାତନ୍ତ୍ର, ବରିଷ୍ଠ ଅଧିକାରୀ ଏବଂ ବିଶିଷ୍ଟ କ୍ରୀଡ଼ାବିତ୍ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ନେହେରୁ ଯୁବକେନ୍ଦ୍ର ସଂଗଠନର ସହ-ନିର୍ଦ୍ଦେଶକ ଶକ୍ତି ସ୍ୱରୂପ ସିଂ ଏକ ପ୍ରେସ୍ ବିବୃ ିରେ ସୂଚନା ଦେଇଛନ୍ତି।

## ଜନପ୍ରତିନିଧିଙ୍କ ଜନସେବା



ଖୋର୍ଦ୍ଧା (ପିଏନ୍): ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ଗୋପାଳପୁର ଗ୍ରାମ ପ ାୟତର ନୟାପଲ୍ଲୀ ଗ୍ରାମରେ ମା' ଭୂଆଷୁଣି ନାଳ ପୋତି ହୋଇଯାଇଥିଲା। ଏହାର ପୁନଃଉଦ୍ଧାର କାର୍ଯ୍ୟ ନୂଆ ପ୍ରକଳ୍ପ ମାଧ୍ୟମରେ ଆରମ୍ଭ କରିଥିଲେ ଗ୍ରାମର ୱାର୍ଡ଼ମେମ୍ବର ଚି ରଞ୍ଜନ ଖୁ ିଆ। ମୁଖ୍ୟ ଅତିଥି ଭାବେ ନୂଆ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ ସରପ ପ୍ରଦୀପ କୁମାର ବାରିକ। ଉକ୍ତ କାର୍ଯ୍ୟଦ୍ୱାରା ଗ୍ରାମର ବହୁ ଚାଷୀ ଉପକୃତ ହେବା ସହିତ ଗ୍ରାମର କିଛି ଶ୍ରମିକ ରୋଜଗାର ପାଇଥିବାରୁ ଜନପ୍ରତିନିଧିଙ୍କର ଉକ୍ତ ସେବାକାର୍ଯ୍ୟ ସମସ୍ତଙ୍କର ପ୍ରଶଂସାଭାଜନ ହୋଇ ପାରିଛି ବୋଲି ସମାଜସେବୀ ନାରାୟଣ ଖୁ ିଆ ଏକ ପ୍ରେସ୍‌ବା ର୍ ମାଧ୍ୟମରେ ମତବ୍ୟକ୍ତ କରିଛନ୍ତି।

# ଦୟା ଓ କରୁଣାର ସାଗର ମହାମାନବ ପୈଗମ୍ବର ମୁହମ୍ମଦ



ପୈଗମ୍ବର ମୁହମ୍ମଦ ସଲ୍ଲମ ଥିଲେ ଇସଲାମ ଧର୍ମର ପ୍ରବର୍ତକ। ସେ ମହାମାନବ ସମଗ୍ର ସଂସାରବାସୀଙ୍କ ପାଇଁ କରୁଣାର ପାତ୍ର ହୋଇ ଆସିଥିଲେ। ବିନା ଭେଦଭାବ ଏବଂ ବିନା ବୈରିରେ ସେ ମାନବ ଅଧିକାର ପାଇଁ ନିଜର ସମଗ୍ର ଜୀବନ ସଂଘର୍ଷ କରିଥିଲେ। ଶାନ୍ତି ଓ ନ୍ୟାୟ ପ୍ରତିଷ୍ଠା ପାଇଁ ସମାଜରେ ଏକ ବିପ୍ଳବ ସୃଷ୍ଟି କରିଥିଲେ। ଯାହାଫଳରେ ଏପରି ଏକ କ୍ରାନ୍ତିକାରୀ ଅଧ୍ୟାୟ ଜନ୍ମ ନେଲା, ଯାହାର ଇତିହାସରେ କୌଣସି ପଟାନ୍ତର ନାହିଁ। ସର୍ବପ୍ରଥମେ ପୈଗମ୍ବର ମୁହମ୍ମଦ ସଲ୍ଲମ ମାନବ ଅଧିକାରକୁ ଶ୍ରେଷ୍ଠ ମଣି ସେମାନଙ୍କୁ ସାମାଜିକ, ନୈତିକ, ଭୌତିକ ଏବଂ ଆଧ୍ୟାତ୍ମିକ କ୍ଷେତ୍ରରେ ସମ୍ମାନଜନକ ଅଧିକାର ଦେଇଥିଲେ।

ବିଶ୍ୱଗୁରୁ ହଜରତ ମୁହମ୍ମଦ ସଲ୍ଲମଙ୍କ ଆବିର୍ଭାବ ସମୟରେ ବିଶ୍ୱସମାଜରେ ଆରବବାସୀଙ୍କ ଚିତ୍ର ଓ ଚରିତ୍ର ଭଲ ନଥିଲା। ମଣିଷ ସହ ପଶୁ ସମାନ ବ୍ୟବହାର କରା ଯାଉଥିଲା। ମାତା ପିତା ତଥା କନ୍ୟା ସନ୍ତାନର ସମ୍ମାନ ଓ ସତ୍‌କାର ନଥିଲା। ଏପରି କି କନ୍ୟା ସନ୍ତାନ ଜନ୍ମ ହେଲା ମାତ୍ରେ ଘରେ ଓ ପରିବେଶରେ ଅଶୁଭ ମନେକରୁଥିଲେ ଏବଂ କନ୍ୟା ସନ୍ତାନଙ୍କୁ



ଜୀବିତ ସମାଧି ଦିଆଯାଉଥିଲା। ପିତାମାତାର ସେବା ଓ ସତ୍‌କାର କରିଲେ ହିଁ ସ୍ୱର୍ଗପ୍ରାପ୍ତି ହେବ ବୋଲି ହଜରତ ମୁହମ୍ମଦ କହି ସର୍ବପ୍ରଥମେ ମାତାପିତାଙ୍କୁ ତାଙ୍କର ଉଚିତ୍ ସମ୍ମାନ ଦେଇଥିଲେ। ଏପରି ବି କହିଦେଲେ ଯେ ମାଆଙ୍କ ଚରଣରେ ସ୍ୱର୍ଗ ମିଳିଥାଏ। ହତଭାଗା ସେହି ବ୍ୟକ୍ତି ଯାହାକୁ ଜୀବନରେ ପିତାମାତା ପରି ଅମୂଲ୍ୟ ସମ୍ପଦ ମିଳିଥାଏ, କିନ୍ତୁ ସେ ତାଙ୍କର ସେବା ଓ ସତ୍‌କାର କରି ସ୍ୱର୍ଗଗାମୀ ହୋଇପାରି ନ ଥାଏ। ପୁଣି ସେ କହିଲେ; ଈଶ୍ୱରଙ୍କୁ ସବୁଠାରୁ ଭଲ ଲାଗୁଥିବା ଉତମ କାର୍ଯ୍ୟ ମଧ୍ୟରୁ ମାତାପିତାଙ୍କ ସହ ସଦ୍‌ବ୍ୟବହାର ପ୍ରଦର୍ଶନ କରିବା ଅନ୍ୟତମ। କନ୍ୟା ସନ୍ତାନକୁ ସୁରକ୍ଷା ଦେବା ପାଇଁ କହିଲେ, ଯଦି କାହା ଘରେ ଗୋଟିଏ ବା ତା'ଠାରୁ ଅଧିକ କନ୍ୟା ସନ୍ତାନ ଜନ୍ମ ହୋଇଥାନ୍ତି ଏବଂ ମାତା ପିତାମାନେ ତାଙ୍କର ଉଚିତ୍ ରକ୍ଷଣା ବ୍ୟକ୍ଷଣ କରିବା ସହ ସେମାନଙ୍କୁ ଉଚିତ୍ ଶିକ୍ଷା ଦେଇ କୃତକାର୍ଯ୍ୟ କରାଇଥାନ୍ତି, ତେବେ ସେହି ମାତା ପିତା ବୈକୁଣ୍ଠର ଅଧିକାରୀ ହୋଇଥାନ୍ତି। କନ୍ୟା ସନ୍ତାନ ହେଉ ବା ପୁତ୍ର ସନ୍ତାନ ସେମାନଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିବା ପାଇଁ ଦରକାର ପଡ଼ିଲେ ଚୀନ ପରି ସୁଦୂର ଦେଶକୁ ପଠାଇବାକୁ ଅନୁମତି ଦେଇଥିଲେ। ପ୍ରତ୍ୟେକ ମଣିଷ ସେ ନର ହେଉ ବା ନାରୀ ଶିକ୍ଷା ଅର୍ଜନ କରିବା ଜରୁରୀ ବୋଲି ଘୋଷଣା କରିଥିଲେ। ପାଠ ପଢିବା ଦ୍ୱାରା ମଣିଷ ଭଲ ମନ୍ଦ ଏବଂ ଉଚିତ୍ ଓ ଅନୁଚିତ୍ ବିଷୟରେ ବୁଝି ପାରିଥାଏ। ଯଦ୍ଦ୍ୱାରା ସେ ସତ୍‌ପଥ ଓ ଅସତ୍‌ପଥ ବିଷୟରେ ଜାଣିପାରିଥାଏ। ଯାହାଦ୍ୱାରା ସମାଜରେ ଉନ୍ନତି ଓ ଏକ ସଭ୍ୟ ସମାଜ ଗଢି ଉଠିଥାଏ। ଜଣେ ସ୍ତ୍ରୀ ପ୍ରତି ଉଦାରତା ଓ ସଦ୍‌ବ୍ୟବହାର ପ୍ରଦର୍ଶନ କରିବାକୁ ସେ ଆଦେଶ ଦେଇଥିଲେ। ସ୍ୱାମୀ ମରଣାନ୍ତେ ସ୍ତ୍ରୀ ପ୍ରତି ସମାଜରେ ଅନ୍ୟାୟ ଓ ଅତ୍ୟାଚାର ବଢିଥାଏ, କିନ୍ତୁ ମହାମାନବ ହଜରତ ମୁହମ୍ମଦ ସଲ୍ଲମ ସ୍ତ୍ରୀକୁ ସ୍ୱାମୀର ସମ୍ପତିର ଅଂଶୀଦାର ହେବାର ଘୋଷଣା କରି ସ୍ତ୍ରୀ ଜାତି ପ୍ରତି ଉଚିତ ନ୍ୟାୟ କରିଥିଲେ। ଏପରି କି ବିଧବା ସ୍ତ୍ରୀମାନଙ୍କୁ ଅନୁମତି ପ୍ରଦାନ କରିଥିଲେ ଯେ ସେମାନେ ଅନ୍ୟ କାହା ସହ ପୁନର୍ବିବାହ କରି ନିଜ ସୁଖ ବୈବାହିକ ଜୀବନଯାପନ କରିପାରିବେ। ସେ ଜଗତବାସୀଙ୍କ ପାଇଁ ଏପରି ଆଦର୍ଶ ଛାଡ଼ିଯାଇଛନ୍ତି କି ସ୍ତ୍ରୀର ପ୍ରତ୍ୟେକ ଅଧିକାରକୁ ପୂରଣ କରିବା ପୁରୁଷ ପ୍ରତି ଏକ ସଂପୂର୍ଣ୍ଣ ଦାୟିତ୍ୱ ବୋଲି କହି ମହିଳାଙ୍କ ପ୍ରତି ନ୍ୟାୟ ଓ ସମ୍ମାନ ବ୍ୟକ୍ତ କରିଛନ୍ତି। ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଆବିର୍ଭାବ ସମୟରେ କ୍ରୀତଦାସ ପ୍ରଥା ଖୁବ ପ୍ରଚଳିତ ଥିଲା। ଏପରି କି ମଣିଷ ସହ ପଶୁ ଭଳି ବ୍ୟବହାର କରାଯାଉଥିଲା। ଅସଭ୍ୟତାର କୌଣସି ସୀମା ନଥିଲା। ସେହି କରୁଣାର ସାଗର ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ କ୍ରୀଦଦାସମାନଙ୍କୁ ମୁକ୍ତ କରାଇଥିଲେ। ସେମାନଙ୍କୁ ସମାଜରେ ଉଚିତ୍ ସମ୍ମାନ ଓ ଅଧିକାର ଦେଇଥିଲେ। ସେମାନଙ୍କୁ ଧର୍ମ ଓ କର୍ମ କ୍ଷେତ୍ରରେ ଆଗକୁ



ଆଣିଥିଲେ। ଏପରି କି ସେମାନଙ୍କୁ ପ୍ରଭୁଭକ୍ତ କରାଇଥିଲେ। ଯାହାଙ୍କ ଜୀବନାଦର୍ଶ ଏବେ ମଧ୍ୟ ଇସଲାମ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ଏପରି କି ପ୍ରଭୁ ଅଲ୍ଲାଃ ସେମାନଙ୍କ ଉପରେ ଚିରକାଳ ପାଇଁ ପ୍ରସନ୍ନ ହୋଇଛନ୍ତି। ଇତିହାସ ସାକ୍ଷୀ ଦେଉଛି କି ସେହି ଜଙ୍ଗଲୀ, କ୍ରୀତଦାସ ଓ ଅସଭ୍ୟ ବୋଲାଉଥିବା ଅମଣିଷ ପର ସମୟରେ ରାଜା ମହାରାଜା ଏବଂ ଗଭର୍ନର ହୋଇପାରିଥିଲେ। ପଡ଼ୋଶୀ ସହ ସଦ୍‌ବ୍ୟବହାର ପ୍ରଦର୍ଶନ କରିବା, ଶିଶୁ ସନ୍ତାନ ପ୍ରତି ବାତ୍ସଲ୍ୟ ମମତା ପ୍ରକଟ କରିବା, ଗୁରୁଜନ ପ୍ରତି ସମ୍ମାନ ବ୍ୟକ୍ତ କରିବା, ଅତିଥିମାନଙ୍କୁ ସତ୍କାର କରିବା, ପଥଚାରୀମାନଙ୍କୁ ପାଣି ପିଆଇବା, ବୃଦ୍ଧାଙ୍କ ସହ ସେବା ଓ ସାହାଯ୍ୟ କରିବା, ଗରିବ ଓ ଅସହାୟମାନଙ୍କୁ ସାହାଯ୍ୟ ଓ ସହଯୋଗ କରିବା, ପାପୀମାନଙ୍କୁ ପାପରୁ ମୁକ୍ତ କରାଇବା, ଅମଣିଷକୁ ମଣିଷ କରିବା, ଅସଭ୍ୟକୁ ସଭ୍ୟକରିବା ତଥା ବିଶ୍ୱରେ ପ୍ରେମ, ସ୍ନେହ, ସୌହାର୍ଦ୍ଦ୍ୟ, ସଦ୍‌ଭାବନା, ସହିଷ୍ଣୁତା, ଭ୍ରାତୃଭାବ ଏବଂ ବିଶ୍ୱ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ସେହି ମହାମାନବ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଜଗତବାସୀଙ୍କ ପାଇଁ ଅବଦାନ ବିରଳ ଓ ଆଦର୍ଶନୀୟ।

ଆଜି ବିଶ୍ୱ ସମାଜରେ ଅହମଦୀୟା ମୁସଲିମ ସଂଗଠନ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଆନୁଗତ୍ୟରେ ସେହି ମହାନ ଶାନ୍ତି ପ୍ରଦାୟକ ଶିକ୍ଷାକୁ ସମଗ୍ର ବିଶ୍ୱରେ ପ୍ରଚାର ଓ ପ୍ରସାର କରିଚାଲିଛି। ବିଶ୍ୱରେ ସ୍ଥାୟୀ ଶାନ୍ତି ସ୍ଥାପନା ପାଇଁ ନିରନ୍ତର ପ୍ରୟାସ କରିଚାଲିଛି। ଅହମଦୀୟା ମୁସଲିମ



ସଂଗଠନର ମୂଳମନ୍ତ୍ର-''ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ''ର ବାର୍ତା ଆଜି ଘରେ ଘରେ, ଦେଶ ବିଦେଶରେ ଶାନ୍ତି ପ୍ରତି ଆହ୍ୱାନ ଦେଉଛି। ସମଗ୍ର ବିଶ୍ୱ ଆଜି ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଜୀବନାଦର୍ଶ ଅନୁଯାୟୀ ଅନୁପ୍ରାଣିତ ହେବାରେ ଲାଗିଲାଣି। ପ୍ରତ୍ୟେକ ରାଷ୍ଟ୍ର ଇସଲାମର ଶାନ୍ତି ଓ ସହିଷ୍ଣୁତାର ଶିକ୍ଷାକୁ ଆପଣାଇବାକୁ ଉଦ୍ୟମ କଲାଣି। ପ୍ରତ୍ୟେକ ରାଷ୍ଟ୍ରର ନିୟମ କାନୁନରେ ଇସଲାମୀୟ ଶିକ୍ଷାକୁ ଉଚିତ୍ ସ୍ଥାନ ମିଳିଲାଣି। ଏପରି କି କେତେକ ରାଷ୍ଟ୍ରର ସମ୍ବିଧାନରେ ମଧ୍ୟ ଇସଲାମର ସୁନ୍ଦର ଓ ଶାନ୍ତିଦାୟକ ଶିକ୍ଷାକୁ ଲାଗୁ କରାଗଲାଣି।

ଆସନ୍ତୁ, ଆମେ ସମସ୍ତେ ମିଳିମିଶି ସେହି ମହାମାନବ, ଜଗଦ୍‌ଗୁରୁ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ପବିତ୍ର ଆଦର୍ଶକୁ ମନେପକାଇ ସବୁ କ୍ଷେତ୍ରରେ ମାନବକୁ ତା'ର ଉଚିତ୍ ଅଧିକାର ଦେବା ପାଇଁ ଉଦ୍ୟମ ଜାରି ରଖିବା। ବିଶ୍ୱଶାନ୍ତି, ଏକତା ଓ ଅଖଣ୍ଡତା ତଥା ଭାଇଚାରା ପ୍ରତିଷ୍ଠା ଦିଗରେ ଏକମନ ଏକପ୍ରାଣ ହୋଇ ମିଳିତ ପ୍ରୟାସ କରିବା। ସର୍ବେ ଭବନ୍ତୁ ସୁଖିନଃ।

## ଶ୍ରୀମନ୍ଦିର ଚତୁର୍ପାର୍ଶ୍ୱରେ ଅବୈଧ ଖନନ ଓ ନିର୍ମାଣକାର୍ଯ୍ୟ ତୁରନ୍ତ ବନ୍ଦ ହେଉ

ଭୁବନେଶ୍ୱର (ପିଏନ୍): 'ମହାପ୍ରଭୁ ଶ୍ରୀଜଗନ୍ନାଥ' ହେଉଛନ୍ତି ଓଡ଼ିଆଙ୍କ ପରିଚୟ ଓ ପରମ ଆରାଧ୍ୟ। 'ଶ୍ରୀମନ୍ଦିର' ହେଉଛି ସମଗ୍ର ହିନ୍ଦୁ ସମାଜର ଆସ୍ଥା, ବିଶ୍ୱାସ ଓ ସଂସ୍କୃତିର ପ୍ରାଣକେନ୍ଦ୍ର। ଚାରିଧାମ ମଧ୍ୟରେ ଶ୍ରେଷ୍ଠ ଧାମ 'ଶ୍ରୀକ୍ଷେତ୍ର' ପୁରୀ। ୧୦୦୦ ବର୍ଷରୁ ଊର୍ଦ୍ଧ୍ୱ ପ୍ରାଚୀନ ଐତିହ୍ୟସମ୍ପନ୍ନ କୀ ର୍ 'ଶ୍ରୀମନ୍ଦିର' ଆମ ଓଡ଼ିଆଙ୍କର ଗର୍ବ ଓ ଗୌରବ। ଶ୍ରୀମନ୍ଦିର ଚତୁର୍ପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ' ମାଧ୍ୟମରେ ବିଭିନ୍ନ ପ୍ରକାରର ଖନନ ଓ ନିର୍ମାଣ କାର୍ଯ୍ୟ କରାଯାଉଛି। ଏହା ସମ୍ପୂର୍ଣ୍ଣ ରୂପେ ଅବୈଧ, ଅନୈତିକ ତଥା ଅପରିଣାମଦର୍ଶୀ। ଏକ ପ୍ରାଚୀନ ଐତିହ୍ୟସମ୍ପନ୍ନ କୀ ର୍ ହୋଇଥିବା ହେତୁ, ଏହାର ରକ୍ଷଣାବେକ୍ଷଣ ତଥା ସୁରକ୍ଷା ଓ ସଂରକ୍ଷଣ ଭାରତୀୟ ପ୍ରତ୍ନତା ୍ୱିକ ସର୍ବେକ୍ଷଣ ବିଭାଗ (ASI)ର କ ୃତ୍ୱାଧୀନ। ଶ୍ରୀମନ୍ଦିରରୁ ୧୦୦ ମିଟର ପର୍ଯ୍ୟନ୍ତ ନିଷିଦ୍ଧାଚଂଳ (Prohibited Area) ଏବଂ ୧୦୦ ମିଟରରୁ ୩୦୦ ମିଟର ପର୍ଯ୍ୟନ୍ତ ନିୟନ୍ତ୍ରିତ ଅଚଂଳ (Regulated Area) ଅଟେ। ଆଇନ୍ କହୁଛି, ନିଷିଦ୍ଧାଚଂଳରେ ସ୍ଥାୟୀ ବୃହତ ନିର୍ମାଣ ସମ୍ପୂର୍ଣ୍ଣ ନିଷିଦ୍ଧ ଏବଂ ନିୟନ୍ତ୍ରିତ ଅଚଂଳରେ ଯେକୌଣସି ନିର୍ମାଣ 'ASI'ର ପରାମର୍ଶ ଅନୁଯାୟୀ ହେବ। କିନ୍ତୁ ରାଜ୍ୟ ସରକାର ସମସ୍ତ ଆଇନ୍ କାନୁନକୁ ଉଲ୍ଲଙ୍ଘନ କରି ଶ୍ରୀମନ୍ଦିରର ଅତି ନିକଟରେ ଉଚ୍ଚଶକ୍ତିସମ୍ପନ୍ନ ମେସିନ୍ ଦ୍ୱାରା ଗଭୀର ଗ ର୍ ଖନନ ତଥା ବୃହତ ନିର୍ମାଣର ଯୋଜନା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହାଦ୍ୱାରା ଶ୍ରୀମନ୍ଦିରର ମୂଳଭି ି ଗଭୀର ଭାବେ ପ୍ରଭାବିତ ହୋଇଛି। ଉଚ୍ଚ ନ୍ୟାୟାଳୟରେ ASI ଦ୍ୱାରା ଦାଖଲ କରାଯାଇଥିବା ସତ୍ୟପାଠରୁ ଏହା ସ୍ପଷ୍ଟ ହୋଇଛି। କୌଣସି ଅଧିକୃତ ସଂସ୍ଥାର ଅନୁମତି ନଥାଇ ରାଜ୍ୟ ସରକାର ଏଭଳି ବେଆଇନ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଶ୍ରୀକ୍ଷେତ୍ର ପୁରୀ ଏକ ସାଂସ୍କୃତିକ ତଥା ଆଧ୍ୟାତ୍ମିକ କ୍ଷେତ୍ର ଅଟେ। ଶ୍ରୀମନ୍ଦିର ଏକ ପ୍ରସିଦ୍ଧ ତୀର୍ଥସ୍ଥଳୀ। ମନ୍ଦିର ଚତୁର୍ପାର୍ଶ୍ୱରେ ବିଦେଶୀ ଗଛ ଲଗାଇ ଏହାକୁ ପର୍ଯ୍ୟଟନସ୍ଥଳୀର ଭ୍ରମ ସୃଷ୍ଟି କରାଯାଉଛି। ସୌନ୍ଦର୍ଯ୍ୟକରଣ ନାଁରେ ମଠ, ମନ୍ଦିରକୁ ଭାଙ୍ଗି ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଧ୍ୱଂସ କରୁଛି ଆଧୁନିକ କଳାପାହାଡ଼ ଏ ରାଜ୍ୟ ସରକାର। ଏହି କାର୍ଯ୍ୟ ରାଜ୍ୟ ସରକାରକୁ ପରିଚାଳିତ କରୁଥିବା ଓଡ଼ିଆ ସଂସ୍କୃତି ଉପରେ ଜ୍ଞାନ ନଥିବା ମୁଷ୍ଟିମେୟ ଅଣଓଡ଼ିଆ ଅଧିକାରୀମାନଙ୍କର ଜିଦ୍ କାରଣରୁ ହେଉଅଛି। କିଛି ନ୍ୟସ୍ତସ୍ୱାର୍ଥ ଓଡ଼ିଆ ମଧ୍ୟ ଏଥିରେ ସାମିଲ ଅଛନ୍ତି। ଓଡ଼ିଆଙ୍କ ଅସ୍ମିତା, ସଂସ୍କୃତି ଓ ପରିଚୟକୁ ଧ୍ୱଂସ କରିବାର ସୁପରିକଳ୍ପିତ ଷଡ଼ଯନ୍ତ୍ର ପଛରେ କାହାର ସ୍ୱାର୍ଥ ନିହିତ ଅଛି ? ଏହି କାର୍ଯ୍ୟକୁ ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ ଦୃଢ଼ ନିନ୍ଦା ତଥା ବିରୋଧ କରିଛି। ବେଆଇନ ନିର୍ମାଣକୁ ତୁରନ୍ତ ବନ୍ଦ କରିବା ପାଇଁ ଉଚ୍ଚତମ ନ୍ୟାୟାଳୟରେ ଆବେଦନ କରାଯାଇଥିଲେ ମଧ୍ୟ ତାହା ଖାରଜ ହୋଇଯାଇଛି। କାର୍ଯ୍ୟ ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ସାଧାରଣ ଜନତାଙ୍କ ଦ୍ୱାରା ଅଧିକରୁ ଅଧିକ ଚିଠି ଲେଖାଯିବ। ବ୍ଲକସ୍ତରରୁ ରାଜ୍ୟସ୍ତରୀୟ ପର୍ଯ୍ୟନ୍ତ ଗଣଧାରଣା, ବୁଦ୍ଧିଜୀବୀ ସଂଗୋଷ୍ଠୀ, ସନ୍ଥ ସମ୍ମିଳନୀ, ମାତୃଶକ୍ତି ଜାଗରଣ ଇତ୍ୟାଦି କାର୍ଯ୍ୟକ୍ରମ ମଧ୍ୟ କରାଯିବ। ଶ୍ରୀମନ୍ଦିର ହେଉଛି ଆମ ପୂର୍ବପୁରୁଷମାନଙ୍କର ଆମ ପ୍ରତି ଏକ ଅମୂଲ୍ୟ ଉପହାର, ଯାହାକୁ ପରପୀଢ଼ୀକୁ ପହଚାଂଇବାର ଦାୟିତ୍ୱ ଆମର। ଆମର ପରିଚୟ ତଥା ସଂସ୍କୃତିର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କର ଏଭଳି ଅବୈଧ ମନୋମୁଖୀ କାର୍ଯ୍ୟ ବିରୋଧରେ ସ୍ୱରଉ ୋଳନ କରି 'ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ'ରେ ସାମିଲ ହେବା ପାଇଁ ଅଭିଯାନର ସଂଯୋଜକ ବିନୟ କୁମାର ଭୂୟାଁ, ସହସଂଯୋଜକ ତନ୍ମୟ କୁମାର ଦାଶ ଏବଂ ବରିଷ୍ଠ ସଦସ୍ୟ ସୁମନ୍ତ କୁମାର ପଣ୍ଡା ଏହି ପ୍ରେସ ବିଜ୍ଞପ୍ତି ଜରିଆରେ ସମସ୍ତଙ୍କୁ ନିବେଦନ କରିଛନ୍ତି।

## ଚେକ୍ ବାଉନ୍ସ କେସ୍‌ରେ ଦଣ୍ଡବିଧାନ

ଘଷିପୁରା (ପିଏନ୍): କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଆନନ୍ଦପୁର ଶାଖାରୁ ବ୍ୟବସାୟ ନିମନ୍ତେ ଆନନ୍ଦପୁର ବାସିନ୍ଦା ନିଶିକାନ୍ତ ଖୁ ିଆ ଋଣ ନେଇ ଖିଲାଫ କରିଥିଲେ। ବ୍ୟାଙ୍କର ବାରମ୍ବାର ନୋଟିସ୍ ସ େ ଋଣ ପରିଶୋଧ ନକରିବାରୁ ବ୍ୟାଙ୍କ୍‌ରେ ବନ୍ଧକ ଦେଇଥିବା ଚେକ୍ ବ୍ୟାଙ୍କ୍ ଅଧିକାରୀ ସମ୍ପୃକ୍ତ ବ୍ୟାଙ୍କକୁ କଲେକ୍ସନ ପାଇଁ ପଠାଇଥିଲେ। ମାତ୍ର ଆକାଉ ରେ ଆବଶ୍ୟକୀୟ ଅର୍ଥ ନ ଥିବାରୁ ତାହା ବାଉନ୍ସ ହୋଇଯାଇ-ଥିଲା। ପରେ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଆନନ୍ଦପୁର ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ କେସ୍ ଦାୟର କରାଯାଇଥିଲା। ଉକ୍ତ ଆଇସିସି କେସ୍ ନଂ ୩୫/୨୦୧୯ର ବିଚାର କରି ମାନ୍ୟବର ବିଚାରପତି ରଶ୍ମିରେଖା ପାତ୍ର ଗତ ମାସ ତା୦୪.୦୫.୨୦୨୨ରିଖରେ ଅଭିଯୁକ୍ତ ନିଶିକାନ୍ତ ଖୁ ିଆଙ୍କୁ ୪ ମାସ ଜେଲ୍‌ଦଣ୍ଡ ସହ ୮୫୦୦୦ ଟଙ୍କାର ଅର୍ଥ ଦଣ୍ଡ ଘୋଷଣା କରିଛନ୍ତି। ଅର୍ଥ ଅନାଦେୟ ଅତିରିକ୍ତ ୨୦ଦିନ ଜେଲ୍‌ଦଣ୍ଡ ଘୋଷଣା କରିଛନ୍ତି। ଉକ୍ତ ମାମଲା ବ୍ୟାଙ୍କ୍ ତରଫରୁ ଆନନ୍ଦପୁର ବାରର ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର କୁମାର ବେହେରା ପରିଚାଳନା କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

